# ହିଞ୍ଜିଳି ଓ ଶେରଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର











## ଦେଶରେ ହିଞ୍ଜିଳି-ଶେରଗଡ଼ ବିକାଶର ଏକ ମଡେଲ : ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର/ହିଞ୍ଜିଳିକାଟୁ,୨୪।୪(ସମିସ):** ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି-ଶେରଗଡରେ ବିରାଟ ଜନସଭା ସହ ଆଜି ବିଜୁ ଜନତା ଦଳର ବିଜୟ ଶଙ୍ଖ ଫୁଙ୍କିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ। ହିଞ୍ଜିଳି ଓ ଶେରଗଡରେ ଦୁଇଟି ବିରାଟ ଜନସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଜୁ ଜନତା ଦଳର ବିଜୟ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏ ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହିଞ୍ଜିଳି-ଶେରଗଡ ଆଜି ସାରା ଦେଶରେ ବିକାଶର ଏକ ମଡେଲ ହୋଇଛି । ୫-ଟି ରୂପାନ୍ତର ଯାତ୍ରାରେ ହିଞ୍ଜିଳି ଶେରଗଡ଼ବାସୀଙ୍କ ସହଯୋଗକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ସଭାରେ ବିଜୁ ଜନତା ଦଳର ନେତା କାର୍ତ୍ତିକ ପାଣ୍ଡିଆନ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ହିଞ୍ଜିଳି-ଶେରଗଡ ହେଉଛି ଦେଶର ଏକ ନମ୍ବର ନିର୍ବାଚନ ମଣ୍ଡଳୀ। ହିଞ୍ଜିଳି-ଶେରଗଡର ବିଧାୟକ ହେଉଛନ୍ତି ଦେଶର ଏକ ନମ୍ବର ବିଧାୟକ। ମୁଖ୍ୟମନ୍ତ୍ରୀ ହେଉଛନ୍ତି ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ। ତେଣୁ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀଙ୍କୁ ସର୍ବାଧିକ ଭୋଟ ବ୍ୟବଧାନରେ ଜିତାଇ ତାଙ୍କର ଏକ ନମ୍ବର ସ୍ଥାନ ବଜାୟ ରଖିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସାଂସଦ ପ୍ରମିଳା ବିଶୋଇ ପ୍ରମୁଖ ନିଜ ନିଜ ଅଭିଭାଷଣରେ ଜନସାଧାରଣଙ୍କୁ ବିଜୁ ଜନତା ଦଳକୁ ଜିତାଇବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହିଞ୍ଜିଳି ପୌରପାଳିକାର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଓ ସୁଦର୍ଶନ, ବି ଗୀତାଞ୍ଜଳି, ପ୍ରୀତି ସାହୁ, ଡି ବିଶ୍ୱନାଥ, ଜିଲ୍ଲା ଯୋଜନା ବୋର୍ଡ ଉପଦେଷ୍ଟା ଏନ୍ ରଘୁନାଥ, ମୁନିସିପାଲଟିର ଉପାଧ୍ୟକ୍ଷ ସିନିଲ ଗନ୍ତାୟତ, ପବିତ୍ର ମୋହନ ପାଣିଗ୍ରାହୀ, ନୀଳମଣି ପଟ୍ଟନାୟକ, ଅଜୟ ମହାରଣା, ମନୋଜ ସାବତ, ସଞ୍ଜୟ ପଣ୍ଡା ଓ ସୁଚିତ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରିୟ ପ୍ରତିନିଧିଙ୍କୁ ପାଖରେ ପାଇ ଖୁସିରେ ବିଭୋର ଶେରଗଡ଼ବାସୀ

**ବ୍ରହ୍ମପୁର,୨୪।୪(ସମିସ):** ବୁଧବାର ମୁଖ୍ୟମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ଏହି ଗସ୍ତକୁ ନେଇ କର୍ମୀଙ୍କ ମହଲରେ ବେଶ ଉତ୍ସାହ ଦେଖାଦେଇଛି। ନିଜର ପ୍ରିୟ ନେତାଙ୍କୁ ଦେଖିବା ଲାଗି ଶେରଗଡ ବ୍ଲକର କୋଣ ଅନୁକୋଣରୁ ବହୁ ନେତା, କର୍ମୀ, ବୁଦ୍ଧିଜୀବୀ ଶେରଗଡରେ ପହଞ୍ଚିଥିଲେ। ଏ ଅବସରରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନରେ ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିଥିଲେ। ଶେରଗଡରୁ ଆରମ୍ଭ କରିଥିଲେ ନିର୍ବାଚନୀ ପ୍ରଚାର। ସେ କହିଥିଲେ ୫-ଟି ଜରିଆରେ ରୂପାନ୍ତରୀକରଣ ମା' ତାରାତାରିଣୀଙ୍କ ପୀଠରୁ ଏବଂ ବିଦ୍ୟାଳୟର ରୂପାନ୍ତରୀକରଣ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରୁ ଆରମ୍ଭ ହୋଇଥିଲା। ଏହା ପରେ ଏହି ରୂପାନ୍ତରୀକରଣ ମଡେଲ ଭାବେ ସମଗ୍ର ରାଜ୍ୟରେ ରୂପାନ୍ତରୀକରଣ ହୋଇଥିଲା। ଏ ଅବସରରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ଏବଂ ଯୁବନେତ୍ରୀ ଆସିକା ଲୋକସଭା ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ଜିତାଇବାକୁ ଅନୁରୋଧ କରିଥିଲେ। ଲୋକସଭା ପ୍ରାର୍ଥୀନୀ ରଞ୍ଜିତା ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଲୋକଙ୍କ ସେବା କରିବା ଲାଗି ତାଙ୍କୁ ସୁଯୋଗ ଦେଇଥିବାରୁ ସେ ଧନ୍ୟବାଦ ଦେବା ସହ ବିପୁଳ ମାତ୍ରାରେ ଯୋଡି ଶଙ୍ଖକୁ ଭୋଟ ଦେବା ଲାଗି ନିବେଦନ କରିଥିଲେ। ଶେରଗଡ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ପ୍ରକାଶ କରିଥିଲେ ଯେ, ମୁଖ୍ୟମନ୍ତ୍ରୀ ଆମ ଅଞ୍ଚଳରୁ ଷଷ୍ଠଥର ଲାଗି ନିର୍ବାଚନ ଲଢିବାକୁ ଯାଉଛନ୍ତି। ସେଥିଲାଗି ଆମେ ବହୁତ ଖୁସି। ଆସନ୍ତା ମେ ୨୦ତାରିଖରେ ଯୋଡି ଶଙ୍ଖରେ ଆସିକା ଲୋକସଭା ଓ ହିଞ୍ଜିଳିକାଟୁ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରିବା ଲାଗି ନିବେଦନ କରିଥିଲେ। ଏହା ସହ ମଞ୍ଚରେ ମଞ୍ଚାସୀନ ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷା ସୁଧସ୍ମିତା ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ପ୍ରଧାନ ଓ ମନୋରମା ପୋଲେଇ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସବିତା ରାଣୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ସମସ୍ତ କର୍ମୀଙ୍କୁ ମେ ୨୦ରେ ଯୋଡି ଶଙ୍ଖରେ ବିପୁଳ ମାତ୍ରାରେ ଭୋଟ ଦେବାକୁ ନିବେଦନ କରିଥିଲେ।

**'ନବୀନ ପଟ୍ଟନାୟକ ଜିନ୍ଦାବାଦ'**

## ବିଜେଡି ନାରାବାଜିରେ କମ୍ପି ଉଠିଲା ସହର





**ଛତ୍ରପୁର,୨୪।୪(ସମିସ):** ଛତ୍ରପୁର ବିଧାନସଭା ଆସନ ପାଇଁ ବୁଧବାର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ହଜାର ହଜାର ସମର୍ଥକ ମାନଙ୍କ ସହ ଏକ ବର୍ଣ୍ଣାଢ୍ୟ ଓ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରୁ ବାହାରି ବଡରେଣ୍ଡୀ ସାହି ଛକଠାରେ ପହଞ୍ଚିଥିଲେ। ସେଠାରେ ଛତ୍ରପୁର ପୌର ପରିଷଦର ସମସ୍ତ ଦଳୀୟ କାଉନସିଲର, ହଜାର ହଜାର ମହିଳା ଓ ଛାମୁଆନେତା ମାନଙ୍କ ଉପସ୍ଥିତରେ ଉପାଧ୍ୟକ୍ଷ ଜି. ପାପା ରାଓଙ୍କ ନେତୃତ୍ୱରେ ବିଧାୟକ ପ୍ରାର୍ଥୀ ସୁବାସ ବେହେରାଙ୍କୁ ଭବ୍ୟସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ସେଠାରୁ ହଜାର ହଜାର ମହିଳା ଓ ସମର୍ଥକ ମାନଙ୍କ ସହ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଛତ୍ରପୁର ଉପଜିଲ୍ଲାପାଳ ତଥା ରିଟର୍ଣ୍ଣି




ଅଫିସର ଦେବଦତ୍ତ ମହାନ୍ତଙ୍କ ନିକଟରେ ନିଜ ମାଙ୍କନ ପତ୍ର ଦାଖଲ କରିଛନ୍ତି । ଯୋଡିଶଙ୍ଖ ହେଉଛି ଓଡିଶା ବିକାଶର ପରିଚୟ , ସବୁଠି ବିଜୁ ଜନତା ଦଳର ରହିଛି ଅତୁଟ ବିଶ୍ୱାସ ଓ ଭଲ ପାଇବା, ଜିଲ୍ଲାର ସଦର ମହକୁମା ଛତ୍ରପୁର ସହରରେ ମଧ୍ୟ ଏକ ପ୍ରକାର ସବୁଜମୟ ହୋଇପଡିଥିବା ଦେଖିବାକୁ ମିଳିଥିଲା। ଏହାସହିତ ନବୀନ ପଟ୍ଟନାୟକ ଜିନ୍ଦାବାନଦ .... ବିଜେଡି ଜିନ୍ଦାବାଦ ନାରାବାଜିରେ କମ୍ପି ଉଠିଲା ସାରା ସହର । ନାମାଙ୍କନ ପତ୍ର ଦାଖଲ ବେଳେ ହଜାର ହଜାର ସମର୍ଥକ ମାନଙ୍କୁ ନେଇ ଶକ୍ତି ପ୍ରଦର୍ଶନ ଦେଖାଇଛି ବିଜେଡି। ଏବେକୁ ଏତେ ଆହୁରୀ ଆଗକୁ କେତେ ବୋଲି ମଧ୍ୟ ବିଭିନ୍ନ ମହଲରେ ଆଲୋଚନା ହେଉଛି। ବୁଧବାର ଗୋଟିଏ ଦିନରେ ବିଜୁଜନତା ଦଳର ୩ଜଣ ପ୍ରାର୍ଥୀ ନିଜ ନିଜ ଆସନ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବ୍ରହ୍ମପୁର ଲୋକସଭା ଆସନ ନିମନ୍ତେ ଭୃଗୁ ବକ୍ସିପାତ୍ର ନିଜ ସମର୍ଥକ ମାନଙ୍କ ସହ ଗଞ୍ଜାମ ଜିଲ୍ଲା ପରିଷଦ ଭବନ କାର୍ଯ୍ୟାଳୟ ନିକଟରେ ପହଞ୍ଚି ସେଠାରେ ନିଜ ନାମାଙ୍କନ ପତ୍ର ରିଟର୍ଣ୍ଣି ଅଫିସର ତଥା ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ନିକଟରେ ଦାଖଲ କରିଥିଲେ। ସେହିପରି ବ୍ରହ୍ମପୁର ବିଧାନସଭା ଆସନ ନିମନ୍ତେ ଡଃ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ନିଜ ସମର୍ଥକ ମାନଙ୍କ ସହ ଗଂଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ସେଠାରେ ରିଟର୍ଣ୍ଣି ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ଦାଖଲ କରିଥିଲେ। ତିନିଜଣ ପ୍ରାର୍ଥୀ ମାନେ ପ୍ରାରମ୍ଭରେ ସ୍ଥାନୀୟ ପୁତିଗୋପାଳପୁର ଠାରୁ ବାଜା ବାଣ ସହିତ ହଜାର ହଜାର ସମର୍ଥକ ମାନେ ହାତରେ ବିଜେଡି ପତାକା ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

## ଶେଷ ମୁହୂର୍ତ୍ତରେ ବଦଳିଲେ ଦିଗପହଣ୍ଡି କଂଗ୍ରେସ ପ୍ରାର୍ଥୀ


ସାକା ସୁଜିତ କୁମାର


ଶ୍ରୀଧର ଦେବ

- 'ଶ୍ରୀଧର ଦେବ'ଙ୍କ ସ୍ଥାନରେ 'ସାକା ସୁଜିତ କୁମାର' ହେଲେ ପ୍ରାର୍ଥୀ
- ବୁଧବାର ନାମାଙ୍କନ ପତ୍ର ଦାଖଲ କରିଥିଲେ ଶ୍ରୀଧର ଦେବ
- ଶେଷ ଦିବସରେ ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରିବେ ସୁଜିତ

**ବ୍ରହ୍ମପୁର,୨୪।୪(ସମିସ):** ପ୍ରାର୍ଥୀ ଚୟନ ଓ ଟିକେଟ ବଣ୍ଟାକୁ ନେଇ କଂଗ୍ରେସ ଦଳରେ ଜାରି ରହିଛି ଅନିଶ୍ଚିତତା। ଶେଷ ମୂହୁର୍ତ୍ତରେ ଗଞ୍ଜାମ ଜିଲ୍ଲାର ତଥା ବ୍ରହ୍ମପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ୧୩୪ ଦିଗପହଣ୍ଡି ବିଧାନସଭା ଆସନ ପାଇଁ କଂଗ୍ରେସ ଦଳ ନିଜର ପ୍ରାର୍ଥୀ ପରିବର୍ତ୍ତନ କରିଥିବା ଜଣାପଡିଛି। ପୂର୍ବରୁ ଏହି ଆସନ ପାଇଁ ଦିଗପହଣ୍ଡି ରାଜା ତଥା ଶ୍ରୀଧର ଦେବଙ୍କ ନାମ ଘୋଷଣା କରାଯାଇଥିଲା। ଯାହାକୁ ଆଧାର କରି ଶ୍ରୀଧର ଦେବ ବୁଧବାର ନିଜ ସମର୍ଥକଙ୍କ ସହ ଆସି ବ୍ରହ୍ମପୁର ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ଶେଷ ମୂହୁର୍ତ୍ତରେ ରାଜ୍ୟ କଂଗ୍ରେସ ପକ୍ଷରୁ ଟ୍ୱିଟର ଜରିଆରେ ଦିଗପହଣ୍ଡି ଆସନ ପାଇଁ ପ୍ରାର୍ଥୀ ପରିବର୍ତ୍ତନ କରାଯାଇ ସାକା ସୁଜିତ କୁମାରଙ୍କୁ ପ୍ରାର୍ଥୀ କରାଯାଇଥିବା ନେଇ ସୂଚନା ଦିଆଯାଇଛି। ଏସମ୍ପର୍କରେ ସାକା ସୁଜିତ କୁମାରଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ସେ ଦଳୀୟ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ପିସିସି ସଭାପତି ଶରତ ପଟ୍ଟନାୟକ ଓ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆସନ୍ତା ଗୁରୁବାର ୨୫ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ ଥିବାରୁ ସେ ଗୁରୁବାର ପୂର୍ବାହ୍ନରେ ନିଜ ସମର୍ଥକଙ୍କ ସହ ଆସି ନାମାଙ୍କନ ପତ୍ର ଦାଖଲ କରିବେ ବୋଲି କହିଛନ୍ତି। ସାକା ସୁଜିତ କୁମାର ପୂର୍ବରୁ ୨୦୧୪ମସିହା ସାଧାରଣ ନିର୍ବାଚନରେ ଦିଗପହଣ୍ଡିରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ। ଉକ୍ତ ନିର୍ବାଚନରେ ସେ ମୋଟ ୩୩ହଜାର ୫୨ଖଣ୍ଡ ଭୋଟ ପାଇଁ ଦ୍ୱିତୀୟ ସ୍ଥାନରେ ଥିଲେ ଓ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଠାରୁ ପରାଜିତ ହୋଇଥିଲେ।

# ବିଶାଳ ଶୋଭାଯାତ୍ରା ସହ ନାମାଙ୍କନପତ୍ର ଦାଖଲ କଲେ ବ୍ରହ୍ମପୁର ବିଧାୟକ ଓ ସାଂସଦ ପ୍ରାର୍ଥୀ







**ବ୍ରହ୍ମପୁର,୨୪।୪(ସମିସ)**

ବ୍ରହ୍ମପୁର ବିଜେଡି ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ବୁଧବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉଭୟ ନେତା ନିଜ ହଜାର ହଜାର ସମର୍ଥକଙ୍କୁ ନେଇ ବ୍ରହ୍ମପୁର ଆରାଧ୍ୟା ଦେବୀ ମା' ବୁଢୀ ଠାକୁରାଣୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିରଠାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରିଥିଲେ। ପରେ ଛତ୍ରପୁର ଆଭିମୁଖେ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ଏହି ସମୟରେ ହଜାର ହଜାର ଲୋକ ସାମିଲ ଥିଲେ। ୫ହଜାରରୁ ଉଦ୍ଧ୍ୱର୍ କର୍ମୀ ଏହି ଶୋଭା ଯାତ୍ରା ସାମିଲ ଥିବା ଦେଖିବାକୁ ମିଳିଥିଲା। ସେଥିରେ ଡିଜେ ସାଙ୍ଗକୁ ଯୋଡ଼ି ଶଙ୍ଖ ମହୁରିରେ ବିଭିନ୍ନ ଗୀତରେ ରେଶମ ସହର ପ୍ରକମ୍ପିତ ହୋଇଥିଲା। ଏହା ସହ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛକ, ସୁବାରାଓ ଛକ, କମାପଲ୍ଲୀ ଛକ, ଗଜପତି ନଗର ଛକ, ଖୋଡ଼ାସିଂ ମୁଖ୍ୟ ରାସ୍ତା ଦେଇ ଗୋପାଳପୁର ଜଂକସନରେ ପହଞ୍ଚିଥିଲେ। ପରେ ସେଠାରୁ ଛତ୍ରପୁର ଅପର ବସଷ୍ଟାଣ୍ଡ ଦେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଶୋଭାଯାତ୍ରାରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କାଜୁ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲୀ ମୋହନ, ପୂର୍ବତନ ମେୟର କେ. ମାଧବୀ, ପାରଳାଖେମୁଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ରୂପେସ ପାଣିଗ୍ରାହୀ ସମେତ ବହୁ ବିଜେଡି ନେତା ଓ କର୍ମୀ ସାମିଲ ଥିଲେ। ସେହିପରି କଂଗ୍ରେସ ପକ୍ଷରୁ ମଧ୍ୟ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଦୀପକ ପଟ୍ଟନାୟକ ଓ ସାଂସଦ ପ୍ରାର୍ଥୀ ରଶ୍ମି ରଞ୍ଜନ ପଟ୍ଟନାୟକ ନିଜ ପ୍ରାର୍ଥୀ ଦାଖଲ କରିଥିଲେ। ଦଳ ପକ୍ଷରୁ ସ୍ଥାନୀୟ ହିଲପାଟଣା ନିକଟରୁ ନିଜ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରା ବାହାରିଥିଲା। ଛତ୍ରପୁରଠାରେ ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନ୍ୟପକ୍ଷରେ ଗୋଟିଏ ଦିନରେ ବ୍ରହ୍ମପୁର ସହର ବିଭିନ୍ନ ଅଞ୍ଚଳ ଦେଇ ଦୁଇଟି ଦଳର ନେତା ଓ କର୍ମୀମାନେ ବିଶାଳ ଶୋଭାଯାତ୍ରା ନେଇ ବାହାରିଥିଲେ। ଫଳରେ ସହର ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ତ ଉପୁଜିଥିବା ଦେଖିବାକୁ ମିଳିଥିଲା। ଏହି ସହ ସମୟରେ ଘଣ୍ଟା ଘଣ୍ଟା ଧରି ଶତାଧିକ ଗାଡ଼ି ରାସ୍ତାରେ ଫସି ରହିଥିଲା। ପରେ ବ୍ରହ୍ମପୁର ଟ୍ରାଫିକ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରାଫିକ ଟ୍ରାଫିକ ସମସ୍ୟା ସମାଧାନ କରିଥିଲେ।



# ବିଜେଡି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ମୁସଲିମ କଲ୍‌ଚରାଲ ଆସୋସିଏସନର ସମ୍ବର୍ଦ୍ଧନା



**ବ୍ରହ୍ମପୁର,୨୪।୪(ସମିସ):** ସ୍ଥାନୀୟ ଖାଜାସାହି ସ୍ଥିତ ଗଞ୍ଜାମ ମୁସଲିମ କଲଚ୍ୟୁରାଲ ଆସୋସିଏସନ୍ ପକ୍ଷରୁ ସଂଘ ହଲ୍ ପରିସର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ୍‌ର ସମ୍ପାଦକ ମହମ୍ମଦ ଫାୟାଜ୍ ଖାନ ସଭାପତିତ୍ୱ କରିଥିଲେ । ବୈଠକରେ ବିଜେଡିର ବ୍ରହ୍ମପୁର ବିଜେଡି ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇ ଆଗାମୀ ନିର୍ବାଚନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ମୁସଲିମ କଲଚ୍ୟୁରାଲ ଆସୋସିଏସନ ପକ୍ଷରୁ ବିଜେଡି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅର୍ବାନ ବ୍ୟାଙ୍କ ସଭାପତି ଆର୍. ମୁରଲି ମୋହନ, ୨୧ନମ୍ବର ୱାର୍ଡ କର୍ପୋରେଟର ଡି.କରୁଣାକର, ଟି. ତ୍ରିପତି ପାତ୍ର, ଧିରେନ୍ ମହାରଣା, ରାହିମ୍ ଖାନ୍, ପୂର୍ବତନ କର୍ପୋରେଟର ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ସାୟାଦ୍ ମୁମତାଜ୍ ଅବଦୁଲ୍ ରହେମନ୍ ସାକିର୍ ବେଟ୍, ସୁରେଶ ଚନ୍ଦ୍ର ତ୍ରିପାଠୀ, ଏସ୍. କେ ଆକବର୍, ଏସ୍. କେ ରାଫିକ୍, ଆମାନ୍ ସାରିଫ୍, ଏମ୍ ଆକ୍ରାମଙ୍କ ସମେତ ବ୍ରହ୍ମପୁର ମୁସଲିମ୍ ସମାଜର ୭ଟି ମସଜିଦ୍ କମିଟି ଓ ଦୁଇଟି ମଦ୍ରାସା କମିଟିରେ ସଦସ୍ୟଙ୍କ ଏବଂ ବହୁ ମୁସଲିମ୍ ଭାଇ ଭଉଣୀମାନେ ଯୋଗ ଦେଇଥିଲେ । ପରିଶେଷରେ ଧିରେନ୍ ମହାରଣା ଧନ୍ୟବାଦ ଦେଇଥିଲେ ।

# ଓମ୍ ବିହାର ଚୋରି ଘଟଣାର ପର୍ଦ୍ଦାଫାସ୍, ଦୁଇ ଗିରଫ

## ମୋବାଇଲ, ସୁନାଚେନ୍, ରୁପା ସହ ଲୁହା ରଡ୍ ଓ କଟର ଜବତ



**ବ୍ରହ୍ମପୁର,୨୪।୪(ସମିସ):** ସ୍ଥାନୀୟ ଓମ୍ ବିହାର ୯ମ ଲାଇନ ନିବାସୀ ଗୀତାଞ୍ଜଳି ରାଉତଙ୍କ ଘରୁ ହୋଇଥିବା ଚୋରି ଘଟଣାରେ ଗୋଷାଣୀନୂଆଗାଁ ଥାନା ପୁଲିସକୁ ମିଳିଛି ସଫଳତା । ପୁଲିସ ଏହି ମାମଲାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶ ନେଲୋର ଜିଲ୍ଲାର ଗାନ୍ଧୀ ନଗରର ସିଏଚ କ୍ରିଷ୍ଣାରେଡ୍ଡି(୪୦) ଓ ଜି ପ୍ରଭୁ(୨୯) । ଅଭିଯୁକ୍ତଙ୍କ ନିକଟରୁ ୪୨.୪୦ଗ୍ରାମର ଦୁଇଟି ସୁନା ଚେନ, ୩ଟି ମୋବାଇଲ, ୧.୯୨୭ କିଲୋ ରୂପା, ଗୋଟିଏ ଲୁହା ରୋଡ୍ ଓ କଟର ସମେତ ଅନ୍ୟାନ୍ୟ ଲୁହା ସାମଗ୍ରୀ ଜବତ ହୋଇଛି । ଅଭିଯୁକ୍ତଙ୍କୁ ପୁଲିସ ଜେରା କରି ବହୁ ତଥ୍ୟ ହାସଲ କରିଛି । ସେହି ତଥ୍ୟକୁ ଆଧାର କରି ପୁଲିସ ତଦନ୍ତ ଜାରି ରଖିଛି । ସୂଚନାଯୋଗ୍ୟ ଯେ, ଗୀତାଞ୍ଜଳି ରାଉତ ଓ ତାଙ୍କ ପରିବାର ଲୋକେ ଗତ ୧୪ତାରିଖରେ ଆଙ୍କଶପୁର ମେରୁଯାତ୍ରାକୁ ଯାଇଥିଲେ । ଯାତ୍ରା ସାରି ସନ୍ଧ୍ୟା ସାଢ଼େ ୭ଟା ବେଳେ ଘରକୁ ପହଁଚିଥିଲେ । ପହଁଚିବା ବେଳେ ଘର ତାଲା ଭଙ୍ଗା ଯିବା ସହ ଜିନିଷପତ୍ର ଏଣେତେଣେ ପଡିଥିଲା । ଯାଞ୍ଚ ବେଳେ ଘରେ ଥିବା ସୁନା ଅଳଙ୍କାର, ନଗଦ କିଛି ଟଙ୍କା ଓ ଲାପଟପ ଗାଏବ ରହିଥିବା ଦେଖିବାକୁ ପାଇଥିଲେ । କୌଣସି ଦୁର୍ବୃତ୍ତ ଘର ତାଲାଭାଙ୍ଗି ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏକ ମାମଲା ରୁଜୁ କରିଥିଲା । ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏକ ପୁଲିସ ଟିମ ସନ୍ଧାନୀ କୁକୁର ଦଳ ଓ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା । ଏହି ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା । ବୁଧବାର ଉପରୋକ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ତଥା ଏସଆଇ ଗୌତମ ସାହୁ ସୂଚନା ଦେଇଛନ୍ତି । ଘଟଣା ଘଟିବାର ଅଳ୍ପଦିନ ଭିତରେ ଉକ୍ତ ଟିମ ସଫଳତା ହାସଲ କରିଥିବାରୁ ବ୍ରହ୍ମପୁର ଏସପି ଦାଇତ୍ୱରେ ଥିବା ଡିଆଇଜି ଡ଼ା ସାର୍ଥକ ଷଡ଼ଙ୍ଗୀ ଉକ୍ତ ଟିମକୁ ସାଧୁବାଦ ଜଣାଇଛନ୍ତି । ଗିରଫ କ୍ରିଷ୍ଣାଦେବୀ ତେଲେଙ୍ଗାନାରେ ଏକ ହତ୍ୟାମାମଲା ସହ ଲୁଟ୍ ଭଳି ବିଭିନ୍ନ ୧୪ଟି ସଂଗୀନ ମାମଲାରେ ଜଡ଼ିତ ଥିବା ଜଣାପଡିଛି । ସେହିପରି ଗିରଫ ପ୍ରଭୁ ବିଭିନ୍ନ ୪ଟି ମାମଲାରେ ସଂପୃକ୍ତ ଥିବା ଥାନାଧିକାରୀ ସୂଚନା ଦେଇଛନ୍ତି ।

**ଆଗକୁ ନିର୍ବାଚନ**

# ବନ୍ଧୁକ ମୁନରେ ଅପରାଧ

- ହେଉଛି ଡକାୟତି ଓ ଲୁଟ୍, ଆଦାୟ କରୁଛନ୍ତି ଦାଦାବଟି
- ଏକାଧିକ ମାମଲାରେ ପୁଲିସକୁ ମିଳିଛି ସଫଳତା
- ଅପରାଧିଙ୍କ ଗତିବିଧି ଉପରେ ରହିଛି ପୁଲିସର ତୀକ୍ଷ୍ଣ ନଜର



ବ୍ରହ୍ମପୁର,୨୪।୪(ସମିସ)

ଆଗକୁ ସାଧାରଣ ନିର୍ବାଚନ । ଶୃଙ୍ଖଳିତ ଓ ଅବାଧ ନିର୍ବାଚନ କରିବାକୁ ପୁଲିସ ସଜାଗ ରହିଥିବା ବେଳେ ଅପରାଧୀମାନେ ଏବେ ବନ୍ଧୁକ ଧରି ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ନଜରକୁ ଆସିଛି । ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବିଭିନ୍ନ ସମୟରେ ଅପରାଧୀମାନେ ଅପରାଧ ଭିଆଇବା ନିମନ୍ତେ ବନ୍ଧୁକ ବ୍ୟବହାର କରୁଥିବା ନଜିର ରହିଛି । ବନ୍ଧୁକ ମୁନରେ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଭୟଭୀତ କରି ନିଜ ଅପରାଧ ସାମ୍ରାଜ୍ୟକୁ ବିସ୍ତାର କରିବା ଚେଷ୍ଟା କରିଥାନ୍ତି । ଏପରିକି ବନ୍ଧୁକ ମୁନରେ ଲୋକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଦାଦାବଟି ଆଦାୟ କରିଥାନ୍ତି । ଗତ କିଛିଦିନ ହେଲା ବ୍ରହ୍ମପୁର ପୁଲିସ ଜିଲ୍ଲାର ଏକାଧିକ ଥାନା ପକ୍ଷରୁ ଡକାୟତି ଓ ଲୁଟ୍ ଭଳି ବିଭିନ୍ନ ସଙ୍ଗୀନ ମାମଲାରେ ବନ୍ଧୁକ ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସକୁ ମିଳିଛି ସଫଳତା । ସୂଚନାଯୋଗ୍ୟ ଯେ, ଗତ ୨୨ତାରିଖ ରାତିରେ ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦର ସ୍ଥିତ କମଳାବିହାର ୩ୟ ଗଳିରେ ଥିବା ଫ୍ଲିପ କାର୍ଡର ଲଜିଷ୍ଟିକ ଅଫିସ ଇନଚାର୍ଜ ସୁମନ ଶେଖର ସାହୁ ଓ କର୍ମଚାରୀ ସୁବାସ ନାହାକଙ୍କୁ ବନ୍ଧୁକ ଦେଖାଇ ୨ଲକ୍ଷ ୧୦ହଜାର ଟଙ୍କା, ଦୁଇଟି ମୋବାଇଲ ଲୁଟ୍ କରି ନେଇଥିଲେ ଦୁର୍ବୃତ୍ତ । ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଏହାସହ ସିସିଟିଭି ଫୁଟେଜ ଯାଞ୍ଚକରି ଅଭିଯୁକ୍ତଙ୍କୁ ଚିହ୍ନଟ ମଧ୍ୟ କରିଛି । ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଏକ ଟିମ ଗଠନ କରିଛନ୍ତି । ଗଠିତ ଟିମ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ରାତିସୁଦ୍ଧା ଅଭିଯୁକ୍ତଙ୍କୁ କାବୁ କରିବାରେ ଏହି ଟିମ ସଫଳ ହେବ ବୋଲି ଆଶା ରହିଛି । ସେହିପରି ଗତ ୧୧ତାରିଖରେ ବ୍ରହ୍ମପୁର ରେଳଷ୍ଟେସନ ସ୍ଥିତ ମମତା ଗେଷ୍ଟ ହାଉସରେ ଗୋଷାଣିନୂଆଗାଁ ଥାନା ପୁଲିସ ଚଢଉ କରି କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଥାନା ଲଣ୍ଡାଗୁଡି ଗ୍ରାମର ବିବେକ ସେନାପତିଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୨୨କିଲୋ ୫୮୫ଗ୍ରାମ ଗଞ୍ଜେଇ, ଗୋଟିଏ ଦେଶୀ ବନ୍ଧୁକ, ଦୁଇ ରାଉଣ୍ଡ ଅଫୁଟା ଗୁଳି, ୨ଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରିଥିଲା । ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଶଙ୍କର ଝା ଫେରାର ଥିବା ପୁଲିସ କହିଛି । ସେହିପରି ଗତ ୧୭ତାରିଖରେ ସ୍ଥାନୀୟ ଶ୍ରୀକ୍ଷେତ୍ରବିହାର ଅଞ୍ଚଳର ଏକ ପଡ଼ିଆରେ ବସି ଡକାୟତି ପାଇଁ ଯୋଜନା କରୁଥିବା ବଡଗଡ ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ତୋଫାନ ସାହୁ, ପଦ୍ମପୁର ବଡଦାଣ୍ଡ ସାହିର ନିମେଇ ଚରଣ ନାୟକ, ବଡଗଡ ଥାନା ତେନ୍ତୁଳିଖୁଣ୍ଟି ଗ୍ରାମର ଦେବାନନ୍ଦ ଗୌଡ଼ ଓ ଆସ୍କାର କେ.ସୂର୍ଯ୍ୟ ରାଓ ଆଦି ୪ଜଣ ଦୁର୍ଦ୍ଧାନ୍ତ ଅପରାଧୀକୁ ନିମଖଣ୍ଡି ଥାନା ପୁଲିସ ଗିରଫ କରିଥିଲା । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୫ଟି ଗୁଳି,୨ଟି ମାଗାଜିନ ଓ ୫ଟି ମୋବାଇଲ ଜବତ କରିଥିଲା । ଅନୁରୂପ ଭାବେ ଗତ ଜାନୁଆରୀ ମାସରେ ସ୍ଥାନୀୟ ଟାମାଣା ସଂରକ୍ଷିତ ଜଙ୍ଗଲରେ ଗୋଳନ୍ଥରା ଥାନା ପୁଲିସ ଚଢ଼ଉ କରି ଜଙ୍ଗଲ କିଙ୍ଗ କୁନାର ୪ଜଣ ସହଯୋଗୀ ଚିଆଁ ଓରଫ ପୂର୍ଣ୍ଣ ଗୌଡ, ମେଦିନୀପୁରର ଶଙ୍କର ପ୍ରଧାନ, ଦିଗପହଣ୍ଡି ଥାନା ଅନ୍ତର୍ଗତ ବଡଝରିର ଅଭି ଓରଫ ଭାଲିଆ ମଲ୍ଲିକ ଓ କହ୍ନେଇପୁଟର ବୃନ୍ଦାବନ ମଲ୍ଲିକଙ୍କୁ ଗିରଫ କରିଥିଲା । ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ୨ଟି ହରିଣ ସିଙ୍ଘ, ୨ଟି ଦେଶୀ ବନ୍ଧୁକ, ୬୫ଏମଏମ ର ୧୨୫ଟି ଅଫୁଟା ଗୁଳି,୨୦୦ଟି ଖାଲି ଗୁଳି, ବାରୁଦ ୨୦୦ ଗ୍ରାମ,୧୦କେଜି ଓ ୨୫୦ ଗ୍ରାମ ଲିଡ ସ୍ଲିପଣ୍ଟର ବଲସ, ସ୍ଲିପଣ୍ଟର ବଲ ପ୍ରସ୍ତୁତ ୨ଟି ମେସିନ ସହ ଗୋଟିଏ ଟର୍ଚ୍ଚ ଜବତ କରିଥିଲା । ଆଗକୁ ନିର୍ବାଚନ ରହିଥିବାରୁ ଅନେକ ଜେଲ ଫେରନ୍ତା ନିଜ ଗ୍ୟାଙ୍ଗକୁ ନେଇ ସକ୍ରିୟ ରହିଛନ୍ତି । କାହାକୁ ହତ୍ୟା ଧମକ ଦେବା, ଦାଦାବଟି ମାଗିବା ଓ ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଏବେ ଅପରାଧୀମାନେ ବନ୍ଧୁକ ଧରି ବୁଲୁଥିବା ଉପରୋକ୍ତ ଘଟଣାରୁ ସ୍ପଷ୍ଟବାରି ହେଉଛି । ନିର୍ବାଚନକୁ ଦୃଷ୍ଟିରେ ରଖି ଜେଲଫେରାନ୍ତଙ୍କ ଗତିବିଧି ଉପରେ ନଜର ରଖିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବ୍ରହ୍ମପୁର ଏସପି ଦାୟିତ୍ୱରେ ଥିବା ଡ଼ିଆଇଜି ଡ଼ା ସାର୍ଥକ ଷଡ଼ଙ୍ଗୀ ।



**● କେ.ନୂଆଗାଁ ପଞ୍ଚାୟତରେ ବିଜେଡିର ପ୍ରଚାର**

# ପ୍ରଚାରରେ ମନ୍ତ୍ରୀ ଉଷା ଦେବୀ ସାମିଲ

ବ୍ରହ୍ମପୁର,୨୪।୪(ସମିସ)



ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେ. ନୂଆଗାଁ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି । ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ତଥା ଯୁବରାଜ ଚିନ୍ମୟାନନ୍ଦ ଶ୍ରୀରୁପଦେବ ଓ ରାଣୀ ମା ଉଷାଦେବୀ, ଚିକିଟୀ ଏନଏସି ଅଧକ୍ଷା ଦୀପା କୁମାରୀ ସାହୁଙ୍କୁ କୋଲଥିଆ ଗ୍ରାମରେ ଶହଶହ ଦଳୀୟ କର୍ମୀ ଓ ଗ୍ରାମବାସୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ପରେ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଘରକୁ ଘର ବୁଲି ଭୋଟଭିକ୍ଷା କରିବା ସହିତ ଗ୍ରାମରେ ଏକ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା । ସଭାରେ ମନ୍ତ୍ରୀ ଉଷାଦେବୀ ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉଦବୋଧନ ଦେବା ସହିତ ବିଧାୟକ ପ୍ରାର୍ଥୀ ପୁଅ ଶ୍ରୀରୁପ ଦେବ ଓ ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ପରିମାଣରେ ଭୋଟ ଦେବାକୁ ନିବେଦନ କରିଥିଲେ । ପରେ ଲିଆଖାଇ, ଖୁଦୁଡ଼ି, କେ. ଖୁଦୁଡ଼ି, କେ. ନୂଆଗାଁ ଓ କୃଷ୍ଣପୁର ଆଦି ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ପ୍ରଚାର କାର୍ଯ୍ୟ ଓ ନିର୍ବାଚନୀ ସଭାରେ ବରିଷ୍ଠ ସଂଗଠକ ସୁରେନ୍ଦ୍ର ମଣ୍ଡଳ, ବି. କ୍ରିଷ୍ଣାମୂର୍ତ୍ତି, ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର କୁମାର ପ୍ରଧାନ, ବରିଷ୍ଠ ବିଜେଡି ନେତା ଉଦୟନାଥ ପ୍ରଧାନ, ଲକ୍ଷ୍ମୀକାନ୍ତ ପ୍ରଧାନ, କିଶୋର ପଣ୍ଡା, ଉପେନ୍ଦ୍ର ପ୍ରଧାନ, ବାରିକ ସେଠୀ, ବାଳକୃଷ୍ଣ ପଟ୍ଟନାୟକ ଓ ରଘୁନନ୍ଦନ ସାହୁ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ ।

# ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

**ବ୍ରହ୍ମପୁର,୨୪।୪(ସମିସ):** ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ନିମଖଣ୍ଡି ଥାନା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ହୁଗୁଲାପଟାଗ୍ରାମର ମିଟୁ ସ୍ୱାଇଁ(୨୩) । ସୂଚନାଯୋଗ୍ୟ ଯେ, ଗତ ୨୧ତାରିଖରେ ନିମଖଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅଭିଯୁକ୍ତ ମିଟୁ ଅପହରଣ କରିନେଇଥିବା ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଥିଲା । ନାବାଳିକାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୁଲିସ ମିଟୁଙ୍କ ମୋବାଇଲକୁ ଟ୍ରାକିଂ କରି ତଦନ୍ତ ଆରମ୍ଭ କରିଥିଲା । ପରେ ଉକ୍ତ ଥାନା ଅଞ୍ଚଳରେ ପୁଲିସ ନାବାଳିକାକୁ ଉଦ୍ଧାର କରି ଅଭିଯୁକ୍ତ ମିଟୁକୁ ଗିରଫ କରିଥିଲା । ଆଜି ମିଟୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ କହିଛି ।

# ବିଜେଡି ଲିଗାଲଫ୍ରଣ୍ଟ ପକ୍ଷରୁ ବୈଠକ

**ବ୍ରହ୍ମପୁର,୨୪।୪(ସମିସ):** ଧର୍ମନଗର ଏକ କଲ୍ୟାଣ ମଣ୍ଡପରେ ବିଜେଡି ଲିଗାଲଫ୍ରଣ୍ଟ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ରହ୍ମପୁର ବିଜେଡି ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ବରିଷ୍ଠ ଆଇନଜିବୀ ମାଗୁଣୀ ପଳେଇ, ପି.ନରସିହଂ ପାତ୍ର, କପିଳ ପଟ୍ଟନାୟକ, ଗଂଜାମ ଓକିଲ ସଂଘ ଉପସଭାପତି ରାମଚନ୍ଦ୍ର ପଣ୍ଡା, ସହ ସମ୍ପାଦକ ଗିରିଜା ବେହେରା ଓ ବିଜେଡି ଆଇନସାମ୍ମୁଖ୍ୟ (ଲିଗାଲଫ୍ରଣ୍ଟ)ରାଜ୍ୟ ଉପସଭାପତି ଅନିଲ କୁମାର ସାହୁ, ବିଜେଡି ଆଇନସାମ୍ମୁଖ୍ୟ ଗଞ୍ଜାମ ଜିଲ୍ଲା ସଭାପତି ବିଜୟ କୁମାର ପ୍ରଧାନ, ଜିଲ୍ଲା ବିଜେଡି ଉପସଭାପତି ଜଗନ୍ନାଥ ସାବତ ଓ ରାଜ୍ୟ ବାରକାଉସିଲ ସଦସ୍ୟ ସଂଜିତ୍ କୁମାର ପାଣିଗ୍ରାହି ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଆଇନଜିବୀଙ୍କ କଲ୍ୟାଣ, ଦଳୀୟ ସଂଗଠନ ଓ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାପାଇଁ ଆଲୋଚନା ହୋଇଥିଲା । ଆଗାମୀ ନିର୍ବାଚନରେ ବିପୁଳ ମାତ୍ରାରେ ଶଙ୍ଖ ଚିହ୍ନରେ ଭୋଟ ଦେବାପାଇଁ ଆଇନଜୀବି ମାନଙ୍କୁ ନିବେଦନ କରିଥିଲେ । ଚଳିତ ବର୍ଷ ନିର୍ବାଚନରେ ବିଜେଡି ପାଇଁ କାମ କରିବା ପାଇଁ ସଂକଳ୍ପ ନିଆଯାଇଥିଲା । ଏହି ସମାବେଶରେ ଚାରି ଶହରୁ ଅଧିକ ଆଇନଜୀବି ଯୋଗଦେଇଥିଲେ । ପରିଶେଷରେ ଆଇନଜୀବି ରାଜେନ୍ଦ୍ର କୁମାର ଦାସ ଦଳୀୟ ସଂଗଠନକୁ ମଜବୁତ କରିବାପାଇଁ ନିବେଦନ କରି ଧନ୍ୟବାଦ ଅର୍ପଣ କରିଥିଲେ ।

# କାଳବୈଶାଖୀ ପାଇଁ ଟିପିଏସ୍‌ଓଡିଏଲର ପ୍ରସ୍ତୁତି

ବ୍ରହ୍ମପୁର,୨୪।୪(ସମିସ)

- ୫,୯୦୦ କର୍ମଚାରୀ ନିୟୋଜିତ
- ୨୪ ଘଣ୍ଟିଆ ଟୋଲ୍ ଫ୍ରି ହେଲ୍ପ ଲାଇନ୍ ସେବା
- ୨୪ଘଣ୍ଟିଆ ଅତ୍ୟାଧୁନିକ କେନ୍ଦ୍ରୀଭୂତ ପାୱାର ସିଷ୍ଟମ୍ କଣ୍ଟ୍ରୋଲ ସେଣ୍ଟର ସ୍ଥାପନ

ସମ୍ଭାବ୍ୟ କାଳବୈଶାଖୀକୁ ଦୃଷ୍ଟିରେ ରଖି ଟିପି ସଦର୍ଣ୍ଣ ଓଡ଼ିଶା ବିତରଣ ଲିମିଟେଡ଼ (ଟିପିଏସ୍‌ଓଡିଏଲ୍) ଗତ କିଛିବର୍ଷ ମଧ୍ୟରେ ନାନା ପଦକ୍ଷେପ ନେବା ସହ ଏହି ଦିଗରେ ପ୍ରୟାସକୁ ଦ୍ୱିଗୁଣିତ କରିଛି । ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ତ୍ୱରିତ ସମାଧାନ ଦିଗରେ ଗୁରୁତ୍ୱ ଦେଇ କମ୍ପାନୀ କାଳବୈଶାଖୀ ଜନିତ ଆହ୍ୱାନର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛି । ଆର୍ଥିକ ବର୍ଷ୨୦୨୩ରେ ୫୦୪ଟି କାଳବୈଶାଖୀ ସମ୍ପର୍କିତ ଘଟଣା ଘଟିଥିବା ବେଳେ ଗତ ବର୍ଷ ଅର୍ଥାତ୍ ଆର୍ଥିକବର୍ଷ ୨୦୨୪ରେ ଏହି ସଂଖ୍ୟା ବୃଦ୍ଧି ପାଇ ୯୬୬ରେ ପହଞ୍ଚିଥିଲା । ଜବାବରେ କ୍ଷୟକ୍ଷତି କମାଇବା ସହ ତୁରନ୍ତ ବିଦ୍ୟୁତ ପୁନଃଯୋଗାଣ କରିବା ପାଇଁ ଟିପିଏସ୍‌ଓଡିଏଲ୍ ଏହାର ଭିତ୍ତିଭୂମିକୁ ଆହୁରି ଉନ୍ନତ କରିଥିଲା । ଭାରତୀୟ ପାଣିପାଗ ପକ୍ଷରୁ ଆକଳନ କରାଯାଇଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ସୁନିଶ୍ଚିତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ନାନା ପଦକ୍ଷେପ ନେଇଛି । ଅପରେସନାଲ ସାମର୍ଥ୍ୟକୁ ବୃଦ୍ଧି କରିବା ସହିତ ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ଅଧିକ ସମ୍ବଳ ନିୟୋଜିତ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । କାଳବୈଶାଖୀ ସମୟରେ ତୁରନ୍ତ ବିଦ୍ୟୁତ ପୁନଃଯୋଗାଣ କରିବା ସକାଶେ ଆବଶ୍ୟକୀୟ ସରଞ୍ଜାମ ସହ ୫,୯୦୦ରୁ ଉର୍ଦ୍ଧ୍ୱ ଗ୍ରାଉଣ୍ଡ ଷ୍ଟାଫ ନିୟୋଜିତ କରାଯାଇଛି । ଏହା ସହ ଜରୁରୀକାଳୀନ ପରିସ୍ଥିତିର ପରିଚାଳନା କରିବା ପାଇଁ ଅତିରିକ୍ତ ୮୦୦କର୍ମଚାରୀ ଷ୍ଟାଣ୍ଡ ବାଏ ଭାବେ ପ୍ରସ୍ତୁତ ରହିଛନ୍ତି । ପାହାଡି ତଥା କଷ୍ଟସାଧ୍ୟ ଅଞ୍ଚଳରେ ବିଦ୍ୟୁତ ଉପକରଣଗୁଡ଼ିକୁ ପହଞ୍ଚାଇବା ପାଇଁ ଆଗୁଆ ସତର୍କତା ଅବଲମ୍ବନ କରି ଟିପିଏସ୍‌ଓଡିଏଲ୍ ଓଡ୍ରାଫ୍ ଏବଂ ସ୍ଥାନୀୟ ପ୍ରଶାସନ ସହ ସମନ୍"ୟ ରଖି କାମ କରୁଛି । ଭିତ୍ତିଭୂମି ଉନ୍ନତିକରଣକୁ ବାଦ୍ ଦେଇ ଟିପିଏସ୍‌ଓଡିଏଲ୍ ବ୍ରହ୍ମପୁରରେ ୨୪ସ୭ ଘଣ୍ଟିଆ ଅତ୍ୟାଧୁନିକ କେନ୍ଦ୍ରୀଭୂତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର ସ୍ଥାପନ କରିଛି । ଏହି କଣ୍ଟ୍ରୋଲ ସେଣ୍ଟର୍ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ମନିଟରିଂ କରିବା ସହ ଦକ୍ଷିଣ ଓଡ଼ିଶାର ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ସୁନିଶ୍ଚିତ କରେ । ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି, "ଓଡ଼ିଶାବାସୀଙ୍କ ପାଇଁ ଆମର ପ୍ରତିବଦ୍ଧତା କେବଳ ବିଦ୍ୟୁତ ଯୋଗାଣରେ ସୀମିତ ନୁହେଁ, ବରଂ ଆମେ ସେମାନଙ୍କ ସୁରକ୍ଷା ଏବଂ ସୁବିଧା ପାଇଁ ସମର୍ପିତ । ଭିତ୍ତିଭୂମି, ମାନବ ସମ୍ବଳ ଏବଂ ପ୍ରଯୁକ୍ତିବିଦ୍ୟାରେ ସୁଚିନ୍ତିତ ନିବେଶ ସହ ଆମେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ବଜାୟ ରଖିବା ପାଇଁ ପ୍ରସ୍ତୁତ ଅଛୁ । ଆମ ଟିମ୍ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ସୁସଜ୍ଜିତ ଏବଂ ସଜାଗ ରହିଛନ୍ତି । ଏହା ସେବା ଓ ସୁରକ୍ଷା ପ୍ରତି ଆମର ସମର୍ପିତ ମନୋଭାବକୁ ଦର୍ଶାଏ । "ଟିପିଏସ୍‌ଓଡିଏଲର ସକ୍ରିୟ ଆଭିମୁଖ୍ୟ ଏବଂ ବ୍ୟାପକ ଯୋଜନା ଭରସାଯୋଗ୍ୟ ସେବା ଓ ଗ୍ରାହକ ସୁରକ୍ଷାର ସର୍ବୋଚ୍ଚ ମାନ ବଜାୟ ରଖିବା ଦିଗରେ ଏହାର ଉତ୍ସର୍ଗୀକୃତ ମନୋଭାବକୁ ସୂଚିତ କରେ । ସୁଚିନ୍ତିତ ଯୋଜନା ଏବଂ ଅକ୍ଳାନ୍ତ ପ୍ରଚେଷ୍ଟା ଦ୍ୱାରା କମ୍ପାନୀ ଦୃଢ଼ ବିଶ୍ୱାସର ସହ କାଳବୈଶାଖୀ ଋତୁକୁ ସାମ୍ନା କରିବା ସହ ଦକ୍ଷିଣ ଓଡ଼ିଶାରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ପ୍ରସ୍ତୁତ ।



# ଗଞ୍ଜାମ ଆଇନ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା




**ବ୍ରହ୍ମପୁର,୨୪।୪(ସମିସ):** ସ୍ଥାନୀୟ ଆମ୍ବପୁଆ ସ୍ଥିତ ଗଞ୍ଜାମ ଆଇନ ମହାବିଦ୍ୟାଳୟରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଲଏଲବିର ତୃତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ମନୋଜ କୁମାର ଜେନା ସାମନ୍ତ ଏବଂ ନିର୍ଦ୍ଦେଶକ ଡ଼.ବିନାୟକ ପଟ୍ଟନାୟକ ଯୋଗଦେଇ ସେବା ମନବୃତି ନେଇ କେମିତି ନ୍ୟାୟ ପାଇଁ ଲଢେଇ କରିବ ଏବଂ ଜଣେ ଭଲ ଆଇନଜୀବୀ ହୋଇପାରିବ ସେ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଆଲୋକପାତ କରିଥିଲେ । ସଭାରେ ସମସ୍ତ ତୃତୀୟ ବର୍ଷ ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି ମହାବିଦ୍ୟାଳୟରେ ବିତାଇଥିବା ଅନୁଭୂତିକୁ ମନେ ପକାଇଥିଲେ । ଏହା ସହ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ସହଯୋଗ ଓ ଶିକ୍ଷାଦାନ ସମ୍ପର୍କରେ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଥମ ବର୍ଷ ଛାତ୍ରୀ ବି. ରାଣୀ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରତାପ, ସୁରେଶ, ଅଜ୍ମଲ୍, ସୁନିଲ, ଭାଗ୍ୟଶ୍ରି, ଗୀତା, ଆଶୁତୋଷଙ୍କ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଶେଷରେ ଋଷିକେଶ ବାଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବ୍ରହ୍ମପୁର: ୩ ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲକଲେ ୧୩ ଜଣ

ବ୍ରହ୍ମପୁର, ୨୪।୪(ସମିସ)






ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ୨୦୨୪ସାଧାରଣ ନିର୍ବାଚନ। ଏଥିପାଇଁ ଚଳିତ ମାସ ୧୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୩ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୧୯ତାରିଖରୁ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ୨୫ତାରିଖ ଅର୍ଥାତ୍ ଗୁରୁବାର ଦିନ ଏହି ପ୍ରକ୍ରିୟା ଶେଷ ହେବ। ପରେ ପୁଣି ୨୦ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ବୁଧବାର ୬ଷ୍ଠ ଦିବସରେ ବ୍ରହ୍ମପୁରରେ ଗୋପାଳପୁର,

- **ଦିଗପହଣ୍ଡି ୫, ଗୋପାଳପୁର ୪ ଓ ଚିକିଟି ଆସନ ପାଇଁ ୪ଜଣ ପ୍ରାର୍ଥୀ**
- **ଚିକିଟି କଂଗ୍ରେସରେ ଗୋଳିଆ ପରିସ୍ଥିତି, ବିନା ଟିକେଟରେ ଶଙ୍କର ଅଧିକାରୀ ପ୍ରାର୍ଥୀ**

ଚିକିଟି ଓ ଦିଗପହଣ୍ଡି ଭଳି ୩ଟି ବିଧାନସଭା ଆସନରୁ ମୋଟ ୧୩ଜଣ ପ୍ରାର୍ଥୀ ନିଜନିଜ ସମର୍ଥକଙ୍କ ସହ ଆସି ବ୍ରହ୍ମପୁର ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଦିଗପହଣ୍ଡି ବିଧାନସଭା ଆସନ ପାଇଁ ୬ଷ୍ଠ ଦିନରେ ମୋଟ ୫ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ପି.ମନୋଜ କୁମାର, କାହ୍ନୁ ଚରଣ ପାତ୍ର, ପିଣ୍ଟୁ ପ୍ରଧାନ, ସୁକାନ୍ତ କିଶୋର ପଣ୍ଡା ଓ ଭାରତୀୟ ଜାତୀୟ କଂଗ୍ରେସ ଦଳରୁ ଶ୍ରୀଧର ଦେବ ପ୍ରାର୍ଥୀପତ୍ର ଦାଖଲ କରିଥିବା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେହିଭଳି ଗୋପାଳପୁର ବିଧାନସଭା ଆସନ ପାଇଁ ଭାରତୀୟ ବିକାଶ ପରିଷଦରୁ ପି. ତୁଳସୟା ରେଡ୍ଡୀ, ସନ୍ତୋଷ କୁମାର ଦାସ, ଆମ ଆଦ୍‌ମୀ ପାର୍ଟିରୁ ପି.ନୀଳକଣ୍ଠ ରେଡ୍ଡୀ ଓ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିରୁ ଶ୍ୟାମସୁନ୍ଦର ସାହୁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ସେହିଭଳି ଭାବେ ଚିକିଟି ବିଧାନସଭା ଆସନ ପାଇଁ ଆମ ଆଦ୍‌ମୀ ପାର୍ଟି ପକ୍ଷରୁ ଡି. ଶ୍ରୀନିବାସ ରେଡ୍ଡୀ, ସମୃଦ୍ଧ ଓଡ଼ିଶା ପକ୍ଷରୁ ଏସ୍. ଉମା ଶଙ୍କର, ଭାରତୀୟ ଜାତୀୟ କଂଗ୍ରେସ ପାର୍ଟି ପକ୍ଷରୁ ରବୀନ୍ଦ୍ରନାଥ ଦ୍ୟାନସାମନ୍ତରା ଏବଂ ଶଙ୍କର ଅଧିକାରୀ ନାମାଙ୍କନ ଭରି ଥିବା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଶଙ୍କର ଅଧିକାରୀ ନିଜ ଫର୍ମରେ ଯଦିଓ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିର ପ୍ରାର୍ଥୀ ବୋଲି ଉଲ୍ଲେଖ କରିଛନ୍ତି ତେବେ ସେ ଆବଶ୍ୟକ ଉଭୟ ଫର୍ମ 'ଏ' ଓ 'ବି' ଦାଖଲ କରିନଥିବା ଜଣାପଡ଼ିଛି। ପୂର୍ବରୁ ଏଆଇସିସି ପକ୍ଷରୁ ଘୋଷିତ ପ୍ରାର୍ଥୀ ତାଲିକାରେ ରବୀନ୍ଦ୍ରନାଥ ଦ୍ୟାନସାମନ୍ତରାଙ୍କ ନାମ ରହିଥିବା ବେଳେ ହଠାତ ଶଙ୍କର ଅଧିକାରୀଙ୍କ ପ୍ରାର୍ଥୀତ୍ୱ ଯୋଗୁଁ ଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଶଙ୍କର ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରିନଥିବା ବେଳେ ଶଙ୍କର ଅଧିକାରୀ କିଏ ସେ ଜାଣି ନଥିବା କହିଛନ୍ତି ରବୀନ୍ଦ୍ରନାଥ ଦ୍ୟାନସାମନ୍ତରା। ସେହିଭଳି ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ) ତଥା ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଦୀପକ ପଟ୍ଟନାୟକ ମଧ୍ୟ ଏନେଇ କିଛି ଜାଣିନଥିବା କହିଛନ୍ତି। ଚିକିଟି ବିଧାନସଭା ଆସନ ପାଇଁ ବୁଧବାର କଂଗ୍ରେସ ଟିକେଟରେ ରବୀନ୍ଦ୍ରନାଥ ଦ୍ୟାନସାମନ୍ତରା ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା ନିଜେ ଉପସ୍ଥିତ ରହି ପୁତ୍ର ରବୀନ୍ଦ୍ରଙ୍କ ପ୍ରାର୍ଥୀପତ୍ରରେ ପ୍ରସ୍ତାବକ ଥିଲେ। ପୂର୍ବରୁ ଅର୍ଥାତ୍ ଗତ ୧୯ତାରିଖରେ ଚିକିଟି ବିଧାନସଭା ଆସନ ପାଇଁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବେ ଚିନ୍ତାମଣି ଦ୍ୟାନସାମନ୍ତରାଙ୍କ ଦ୍ୱିତୀୟ ପୁତ୍ର ମନୋରଞ୍ଜନ ଦ୍ୟାନସାମନ୍ତରା ପ୍ରାର୍ଥୀପତ୍ର ଦାକଲ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସମସ୍ତ ପ୍ରତିନିଧି ନିଜ ନିଜ ସମର୍ଥକଙ୍କ ସହ ପଟୁଆରରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଆସନ୍ତା ୨୫ତାରିଖ ଅର୍ଥାତ୍ ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ। ଶେଷ ଦିବସରେ ଗୋପାଳପୁର ବିଧାନସଭା ଆସନ ପାଇଁ ୩ଜଣ ପ୍ରମୁଖ ପ୍ରାର୍ଥୀ ଯଥା ବିଜେଡି ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା, ବିଜେପି ପ୍ରାର୍ଥୀ ବିଭୂତି ଭୂଷଣ ଜେନା ଓ ଚିକିଟି ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବଙ୍କ ସମେତ ଅନ୍ୟାନ୍ୟ ସ୍ୱାଧିନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି।



## ଚୋରି ବାଇକ ଜବତ, ୨ ଗିରଫ

**ଦିଗପହଣ୍ଡି, ୨୪।୪(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ପାର୍କ ନିକଟରୁ ବାଇକ ଚୋରି ଅଭିଯୋଗରେ କେ. ନୂଆଗାଁ ଥାନା ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଚୌଧୁରୀ ଟିକରପଡ଼ା ଗ୍ରାମର ତାପସ ନାଇକ ଏବଂ ନୂଆପଡ଼ା ଗ୍ରାମର ରଞ୍ଜନ ଓରଫ ଚନ୍ଦନ ନାଇକ। ବୁଧବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ସୋମବାର ଦିନ ସନ୍ଧ୍ୟାରେ ଚୌଧୁରୀ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ବଜ୍ରଗୁମ୍ଫା ଗ୍ରାମର ସୁଶାନ୍ତ କୁମାର ଅଧିକାରୀ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ପାର୍କ ବାହାରେ ନିଜର ହିରୋହୋଣ୍ଡା ପେସନ ବାଇକ ନଂ. (ଓଆର୧୦ ଏଫ୍ ୫୨୨୩) ରଖି ବୁଲିବାକୁ ଯାଇଥିଲେ। ବୁଲାବୁଲି କରି ଫେରିବା ବେଳକୁ ବାଇକ ଚୋରି ହୋଇଯାଇଥିଲା। ସେ ସାଙ୍ଗସାଥୀଙ୍କ ସହ ମିଶି ଖୋଜାଖୋଜି ଚଳାଇଥିବା ବେଳେ ଟିକରପଡ଼ା - ଦାଉଣି ଗ୍ରାମ ରାସ୍ତାରେ ଦୁଇ ଯୁବକ ତାଙ୍କର ଚୋରି ବାଇକ ଚଲାଇ ନେଉଥିବା ସୂଚନା ପାଇଥିଲେ। ଦୁଇ ଯୁବକଙ୍କୁ ପିଛା କରି ସେମାନଙ୍କୁ କାବୁ କରାଯିବା ସହ ପୋଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ଦୁଇ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ଚୋରି ବାଇକ କୁ ସେମାନଙ୍କ ନିକଟରୁ ଜବତ କରିଥିଲେ। ପୁଲିସ ପଚରା ଉଚୁରା ସମୟରେ ସେମାନେ ଚୋରି ଘଟଣାକୁ ସ୍ୱୀକାର ମଧ୍ୟ କରିଥିଲେ। ଚୋରି ଘଟଣାରେ ଥାନା ମାମଲା ନଂ. ୧୪୦/୨୪ ପ୍ରକାରେ ମାମଲା ରୁଜୁ କରିଛି।

- **ପରକୀୟା ପ୍ରୀତି**

## ଅଙ୍ଗନବାଡି କର୍ମୀ ଓ ପୁରୁଷବନ୍ଧୁଙ୍କୁ ବାନ୍ଧିଲେ ଗ୍ରାମବାସୀ

**ଫିରିଙ୍ଗିଆ, ୨୪।୪(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଲାବୃଡି ପଞ୍ଚାୟତ ଏକ ଗାଁରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଥିଲା। ଗାଁ ର ଜଣେ ବିବାହିତ ମହିଳା ଅନ୍ୟଜଣେ ପୁରୁଷଙ୍କୁ ଅସଂଯତ ଅବସ୍ଥାରେ ଗ୍ରାମବାସୀ ଧରିଥିଲେ। ସେମାନଙ୍କୁ ଗ୍ରାମବାସୀ ଗାଁ ମଣ୍ଡପରେ ବାନ୍ଧି ଦେଇଥିଲେ। ଗ୍ରାମବାସୀ ଉଭୟଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଗାଁରେ ଉଭୟଙ୍କ ପରିବାର ଲୋକେ ପହଞ୍ଚିଲା ପରେ ଏକ ବୈଠକ କରି ଭଦ୍ରଲୋକଙ୍କ ଉପସ୍ଥିତିରେ ଘଟଣାର ସମାଧାନ କରାଯାଇଥିଲା। ପୁରୁଷ ବନ୍ଧୁଙ୍କ ସହ ଅସଂଯତ ଅବସ୍ଥାରେ ଧରାପଡ଼ିଥିବା ମହିଳା ଜଣକ ଜଣେ ଅଙ୍ଗନବାଡି କର୍ମୀ ଓ ପୁରୁଷ ବନ୍ଧୁ ଜଣକ ଫିରିଙ୍ଗିଆ ବ୍ଲକ ଡ଼ିମିରିଗୁଡା ପଞ୍ଚାୟତ ଶ୍ରୀପଲା ଅଞ୍ଚଳର ବୋଲି ଜଣାପଡ଼ିଛି। ଅଙ୍ଗନବାଡ଼ି କର୍ମୀଙ୍କ ସ୍ୱାମୀ କିଛିଦିନ ତଳେ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଜେଲରେ ଥିବାବେଳେ ତାଙ୍କର ଦୁଇ ଛୋଟ ପିଲା ଅଛନ୍ତି। ପୁରୁଷ ବନ୍ଧୁ ଜଣକ ମଧ୍ୟ ବିବାହିତ ଓ ତାଙ୍କର ଦୁଇଟି ପିଲା ଅଛନ୍ତି। ସମ୍ପୃକ୍ତ ଅଙ୍ଗନବାଡ଼ି କର୍ମୀଙ୍କ ସ୍ୱାମୀ ଜେଲ ଯିବାପରେ ପୁରୁଷ ବନ୍ଧୁଙ୍କ ସହ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଘଟଣା ପରେ ବୁଧବାର ଅଙ୍ଗନବାଡି କେନ୍ଦ୍ର ବନ୍ଦ ରହିଥିଲା। ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ମଧ୍ୟ ଦିଆଯାଇନାହିଁ। ସମ୍ପୃକ୍ତ ଅଙ୍ଗନବାଡି କର୍ମୀ ଙ୍କୁ ଗାଁରୁ ବହିଷ୍କାର କରିବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ବେଳେ ତାଙ୍କୁ ଚାକିରୀରୁ ବହିଷ୍କାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଗାଁ ରେ ବୈଠକ ସରିବା ପରେ ସମ୍ପୃକ୍ତ ଅଙ୍ଗନବାଡି କର୍ମୀଙ୍କୁ ଗାଁରୁ ବାସନ୍ଦ କରାଯାଇଛି।

## ଜାତୀୟ ଶିକ୍ଷାନୀତି ସଂକ୍ରାନ୍ତ ପାଠଚକ୍ର

**ବ୍ରହ୍ମପୁର, ୨୪।୪(ସମିସ):** କନିଷି ସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନରେ ଜାତୀୟ ଶିକ୍ଷାନୀତି-୨୦୨୦କୁ ନେଇ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ଶ୍ରୀକାନ୍ତ ପାଇକରାୟ ଅଧ୍ୟକ୍ଷତା କରିଥିଲେ। ପାଠଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ଼. ଶିବପ୍ରସାଦ ଅଧିକାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ ନିଜର ପ୍ରବନ୍ଧ ଉପସ୍ଥାପନା ମାଧ୍ୟମରେ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଠାରେ 'ପାଠଚକ୍ର ପ୍ରବନ୍ଧାବନ୍ଦୀ' ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିବା ସହ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଡ଼. ସନ୍ତୋଷ ଜେନା, ସଂଯୋଜକ ଡ଼. ବାବୁ ରାମ ପାଣି, ପୁଷ୍ଟିପୋଷକ ଡ଼. ଭୁବନେଶ୍ୱରୀ ମିଶ୍ର, ସହ ପୁଷ୍ଟିପୋଷକ ଡ଼. ନିବେଦିତା କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




# ବିଜେଡି ପ୍ରାର୍ଥୀ ଅନ୍ତର୍ଯ୍ୟାମୀଙ୍କ ସମେତ ୫ ଜଣ ଦାଖଲ କଲେ ନାମାଙ୍କନ







**ପାରଳାଖେମୁଣ୍ଡି, ୨୪।୪(ସମିସ)**

ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମୋହନା ଓ ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ ୫ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ମୋହନା ନିର୍ବାଚନମଣ୍ଡଳୀରୁ ବିଜୁ ଜନତା ଦଳ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ ନିଜର ହଜାର ହଜାର ସର୍ମଥକଙ୍କ ସହ ନାମାଙ୍କନ ଦାଖଲ କରିଥିଲେ। ପ୍ରଥମେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ପରେ ବିରାଟ ପଟୁଆରରେ ଜିଲ୍ଲାପାଳ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ଯୋଡି ଶଙ୍ଖ, ନୂଆପଡ଼ା ଜିଲ୍ଲାର ଘଣ୍ଟଦଳ, ଆଦିବାସୀ ନୃତ୍ୟଗୀତ, ଡିଜେରେ ପ୍ରକମ୍ପିତ ହୋଇଥିଲା ପାରଳାଖେମୁଣ୍ଡି ସହର। ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିବା ପରେ ମୋହନା ପାଇଁ ନିଯୁକ୍ତ ରିର୍ଟର୍ଣ୍ଣି ଅଫିସର ତଥା





ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସଙ୍କ ନିକଟରେ ସତ୍ୟପାଠ ଦାଖଲ କରି ନାମାଙ୍କନ ଦାଖଲ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ପାଇଁ ହିଁ ଏହି ଜନ ସର୍ମଥନ ସମ୍ଭବ ହୋଇପାରିଥିବା ଓ ମୋହନାରୁ ଜିତିବେ ବୋଲି ଆଶା ପ୍ରକାଶ କରିଛନ୍ତି ଅନ୍ତର୍ଯାମୀ। ସେହିପରି ମୋହନା ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ପ୍ରଶାନ୍ତ ମଲ୍ଲିକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ନିରାଡମ୍ବର ଭାବେ ତାଙ୍କ ସମର୍ଥକଙ୍କ ସହ ଆସି ପ୍ରାର୍ଥିପତ୍ର ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣି ଅଧିକାରୀ ଶ୍ରୀ ଦାସଙ୍କୁ ପ୍ରଦାନ କରିଥିଲେ। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ବିଜୟ ପଟ୍ଟନାୟକ, ବିଜେପି ପ୍ରାର୍ଥୀ କେ.ନାରାୟଣ ରାଓ, ଫରୱାର୍ଡ ବ୍ଲକ ପାର୍ଟିର ବିଧାୟକ ପ୍ରାର୍ଥୀ ଏମ.ମୁରଲିକ୍ରୀଷ୍ଣା ନିଡାମ୍ବରରେ ଅଳ୍ପ ସର୍ମଥକଙ୍କ ସହ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଥିଲେ। ଉପଜିଲ୍ଲାପାଳ ଅନୁପ ପଣ୍ଡା ସମସ୍ତ ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥି ପତ୍ର ଗ୍ରହଣ କରିବା ସହ ସତ୍ୟପାଠ କରାଇଥିଲେ।

## ବାର୍‌ହା ଆକ୍ରମଣରେ ମହିଳା ମୃତ

**ବାଲିଗୁଡା, ୨୪।୪(ସମିସ):** ଗାଧେଇବାକୁ ନଦୀକୁ ଯାଇଥିବା ବେଳେ ବାରହା ଆକ୍ରମଣରେ ମହିଳା ଗୁରୁତର ହେବା ପରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଗଡ଼ିପଦର ଗାଁରେ। ସୂଚନା ପ୍ରକାରେ କ.ନୂଆଗାଁ ବ୍ଲକ ଅନ୍ତର୍ଗତ ଗଡ଼ିପଦର ଗ୍ରାମର କବିତା ମଲ୍ଲିକ ନାମକ ଜଣେ ମହିଳା ମଙ୍ଗଳବାର ସନ୍ଧ୍ୟାରେ ଗାଁ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଏକ ଜଙ୍ଗଲୀ ବାରହା ତାଙ୍କୁ ଆକ୍ରମଣ କରିଥିଲା। ମହିଳା ଜଣକ ଗୁରୁତର ଆହତ ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର କବିତାଙ୍କୁ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବାରହା ସମ୍ପୃକ୍ତ ମହିଳାଙ୍କ ଦୁଇ ହାତ ମୁହଁ ସମେତ ଶରୀରର ଅନେକ ସ୍ଥାନରେ ଗୁରୁତର କ୍ଷତ ହୋଇଥିବା ଜଣାପଡ଼ିଛି। ଡାକ୍ତରଙ୍କ ରିପୋର୍ଟ ଆଧାରରେ ଖୁବ୍ ଶୀଘ୍ର ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଦିଆଯିବ ବୋଲି ବାଲିଗୁଡ଼ା ବନାଞ୍ଚଳ ଅଧିକାରୀ ଅତୁଲ୍ୟ ମହାନ୍ତି କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଫିରିଙ୍ଗିଆ, ୨୪।୪(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଲାବୃଡି ପଞ୍ଚାୟତ ବାଲିପଦର ଗାଁ ବାଙ୍କରେ ବାଇକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଥିବା ଜଣା ପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା କ୍ରାଣ୍ଡିବାଲି ପଞ୍ଚାୟତଡ଼ଙ୍ଗୀମେଣ୍ଡି ଗାଁର ଲମ୍ବୋଦର କହଁର ତାଙ୍କ ପୁଅ ପ୍ରଶାନ୍ତ କହଁର ଓ ପକାରୀ ପଞ୍ଚାୟତ ବାଞ୍ଜିପିଡିଆ ଗାଁର ଲମ୍ବୋଦରଙ୍କ ଭଣଜା ବାସୁଦେବ କହଁର ଫିରିଙ୍ଗିଆ ଥାନା କେକ୍ରିଙ୍ଗିଆ ଗାଁକୁ ଆସିଥିଲେ। ସେମାନେ ନିଜ ଗାଁକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ବାଲିପଦର ବାଙ୍କ ରାସ୍ତାରେ ଦୁର୍ଘଟଣା ଘଟିଥିଲା। ବାଇକ ରାସ୍ତା କଡରେ ଥିବା ପ୍ରାୟ୨୦ ଫୁଟ ତଳକୁ ଛିଟିକି ପଡ଼ିଥିଲା। ଘଟଣା ସ୍ଥଳରେ କିଛି ଲୋକ ପହଞ୍ଚି ଫିରିଙ୍ଗିଆ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ଆହତଙ୍କୁ ଆହତଙ୍କୁ ଫିରିଙ୍ଗିଆ ସ୍ୱାସ୍ଥକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ଲମ୍ବୋଦରୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଜଣ ତାଙ୍କ ପୁଅ ଓ ଭଣଜା ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟକ ପଠାଇଥିଲା। ଖବରପାଇ ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତକଙ୍କ ପରିବାରଙ୍କୁ ସହଯୋଗର ହାତ ବଢ଼ାଇଥିଲେ।

## ମାତୃହରା ଶିଶୁକନ୍ୟାର ସମସ୍ତ ଦାୟିତ୍ୱ ନେଲା ଜିଲ୍ଲା ପ୍ରଶାସନ

**ପାରଳାଖେମୁଣ୍ଡି, ୨୪।୪(ସମିସ):** ଜନ୍ମର ଦିନକ ପରେ ମାକୁ ହରାଇଥିଲା ଏକ କୋମଳମତି ଶିଶୁ କନ୍ୟା। ସେହି କନ୍ୟାର ସମସ୍ତ ଦାୟିତ୍ୱ ଏବେ ଜିଲ୍ଲା ପ୍ରଶାସନ ନେଇଛି। ସୂଚନା ପ୍ରକାରେ ମୋହନା ବ୍ଲକ ଚାନ୍ଦିପୁଟ ପଞ୍ଚାୟତର ଏକ ଗ୍ରାମରେ ପ୍ରସବ ପରେ ମା'ର ମୃତ୍ୟୁ ହୋଇଥିଲା। ଅତ୍ୟନ୍ତ ଗରିବ ହୋଇଥିବା ତଥା ଅସୁସ୍ଥ ରହୁଥିବା ଶିଶୁ କନ୍ୟାର ବାପା ଶିଶୁର ଚିକିତ୍ସା କରାଇବା ଓ ଯତ୍ନ ନେବାକୁ ଅସମର୍ଥ ହେବାରୁ ଗ୍ରାମବାସୀ ଏବଂ ପାଖ ସହୃଦୟ ବ୍ୟକ୍ତି ଜିଲ୍ଲା ପ୍ରଶାସନର ସହଯୋଗ କାମନା କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ଶିଶୁ କନ୍ୟାର ପରିବାର ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଶିଶୁ ଅସୁସ୍ଥ ଥିବାରୁ ତୁରନ୍ତ ଚିକିତ୍ସାର ଆବଶ୍ୟକତା ରହିଥିବା ଜଣାପଡ଼ିଥିଲା। ଶିଶୁ କନ୍ୟାର ଉପଯୁକ୍ତ ଚିକିତ୍ସା ଏବଂ ଯତ୍ନ ନିମନ୍ତେ ପରିବାର ସଦସ୍ୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଉକ୍ତ ଟିମ୍‌କୁ ଶିଶୁ କନ୍ୟାକୁ ହସ୍ତାନ୍ତର କରିଥିଲେ। ଉକ୍ତ ଟିମ୍ ଶିଶୁକୁ ଆଣିବା ପରେ ଶିଶୁ ମଙ୍ଗଳ ସମିତିକୁ ଅବଗତ କରିଥିଲା। ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ କ୍ରମେ ଶିଶୁକୁ ଜିଲ୍ଲାରେ ଥିବା ଏକମାତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ଥଇଥାନ କରାଯାଇଥିଲା। ପରେ ଶିଶୁକୁ ପାରଳାଖେମୁଣ୍ଡିର ମୁଖ୍ୟ ଚିକିତ୍ସାଳୟକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରାଯାଇଥିଲା। ଶିଶୁ ପାରଳାଖେମୁଣ୍ଡିର ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଦିନ ରହିବା ପରେ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁର ଅବସ୍ଥା ବର୍ତ୍ତମାନ ସ୍ଥିର ଥିବା ଜଣାପଡ଼ିଛି।

**● ଗଜପତି ଜିଲ୍ଲାରେ ନିର୍ବାଚନ ମୁଖ୍ୟ ପର୍ଯ୍ୟବେକ୍ଷକ**

## ସୂଚନା ଆଦାନପ୍ରଦାନ ଉପରେ ଗୁରୁତ୍ୱାରୋପ



**ପାରଳାଖେମୁଣ୍ଡି, ୨୪।୪(ସମିସ):** ମୁଖ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରା ଗଜପତି ଜିଲ୍ଲା ପାଇଁ ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ଗନ୍ଧମ୍ ଚନ୍ଦ୍ରୁଡୁ ବୁଧବାର ଗଜପତି ଜିଲ୍ଲାରେ ମୁଖ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଛନ୍ତି। ସେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ସ୍ୱଚ୍ଛ ଆନ୍ଧ୍ର ନିଗମର ପରିଚାଳକ ନିର୍ଦ୍ଦେଶକ ଅଛନ୍ତି। ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ମୋହନା ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ପରିଦର୍ଶନ କରି ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ ବିଭିନ୍ନ ଟିମ୍ ସହିତ ଆଲୋଚନା କରିଛନ୍ତି। ନିର୍ବାଚନର ସମସ୍ତ କାର୍ଯ୍ୟ ସଠିକ୍ ପରିଚାଳନା ନିମନ୍ତେ ସବୁ ଦିନରେ ସୂଚନା ଆଦାନ ପ୍ରଦାନ ଉପରେ ପର୍ଯ୍ୟବେକ୍ଷକ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ନିର୍ବାଚନ ପକ୍ରିୟାକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ନିମନ୍ତେ ସମସ୍ତେ ନିଜର ଦାୟିତ୍ୱ ଓ କ୍ଷମତା ସମ୍ପର୍କରେ ଅବଗତ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାର ଜିଲ୍ଲା ନିର୍ବାଚନ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ବାଲ୍ୟବିବାହ ବନ୍ଦ କଲା ଗଜପତି ଜିଲ୍ଲା ପ୍ରଶାସନ

**ପାରଳାଖେମୁଣ୍ଡି, ୨୪।୪(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ଗୋଟିଏ ବାଲ୍ୟବିବାହକୁ ବନ୍ଦ କରିଛି ଜିଲ୍ଲା ପ୍ରଶାସନ। ଉକ୍ତ ବାଲ୍ୟ ବିବାହ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ମୋହନା ବାଲ୍ୟବିବାହ ନିଷେଧ ଅଧିକାରିଣୀ ସବିତା ପଟ୍ଟନାୟକ ଜାଣିବାକୁ ପାଇଥିଲେ। ସେ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟଙ୍କୁ ଅବଗତ କରିଥିଲେ।

ଏହାପରେ ବାଲ୍ୟବିବାହକୁ ରୋକିବା ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମରେ ସିଡିପିଓ ସବିତା ପଟ୍ଟନାୟକ, ମହିଳା ସୁପରଭାଇଜର ସ୍ୱପ୍ନା କୁମାରୀ ପାତ୍ର, ଚନ୍ଦ୍ରଗିରି ୱାର୍କର ଇସମାଇଲ୍ କରାଡ, 'ଏକ୍ତା' ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରାମର୍ଶଦାତା ପ୍ୟାରୀ ଖୁଜୁର୍ ଓ ଅନିତା କୁମାରୀ ନାୟକ ଏବଂ ଚନ୍ଦ୍ରଗିରି ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇ ଉକ୍ତ ସ୍ଥାନକୁ ଯାଇ ହେବାକୁ ଥିବା ବାଲ୍ୟବିବାହକୁ ବନ୍ଦ କରିଥଲେ।

ଏହାପରେ ବିବାହ ହେବାକୁ ଥିବା ଝିଅର ଜନ୍ମ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ଅଭିଭାବକଙ୍କୁ ବାଲ୍ୟବିବାହ ଏକ ଅପରାଧ ଏବଂ ଏହାର କୁପ୍ରଭାବ ଉପରେ ବିଷଦ ଭାବରେ ବୁଝାଯାଇଥିଲା। ଗ୍ରାମ ବାସିନ୍ଦାଙ୍କ ଉପସ୍ଥିତିରେ ଝିଅର ପିତାମାତା ଝିଅକୁ ୧୮ ବର୍ଷ ପୂରଣ ହେବା ଯାଏ ବିବାହ ଦେବେ ନାହିଁ ଏବଂ ଯଦି ଏଥିରେ ତ୍ରୁଟି କରିବେ ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଲିଖିତ ଆକାରରେ ଜଣାଇଥିଲେ। ଝିଅକୁ ୧୮ ବର୍ଷ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବାଲ୍ୟ ବିବାହ ନିରୋଧ ଟାସ୍କଫୋର୍ସ ନିୟମିତ ପରାମର୍ଶ ଦେବା ସହ ଆବଶ୍ୟକ ଥଇଥାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ନିଆରା ଢଙ୍ଗରେ 'ଚୁନାବ୍ ମହ୍ଲାର' କାର୍ଯ୍ୟକ୍ରମ




**ବାଲିଗୁଡା, ୨୪।୪(ସମିସ):** ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡରେ ନିଆରା ଢଙ୍ଗରେ ଚୁନାବ୍ ମହ୍ଲାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଓ ନିର୍ଭିକ ଭାବେ ଭୋଟ୍ ଦେବା ନେଇ ବିଭିନ୍ନ ନୃତ୍ୟ, ଗୀତ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯାଇଥିଲା। ଏଥିରେ ମୁଖ୍ୟ ଆକର୍ଷଣ ସାଜିଥିଲା ରାମ୍ପ୍ ସୋ। ଏଥିରେ ବାଲିଗୁଡ଼ା ଉପଜିଲ୍ଲାପାଳ ଡା.ରୀନା ପ୍ରଧାନ ଅଂଶଗ୍ରହଣ କରି ଭୋଟରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ଉପଖଣ୍ଡର ୯ଟି ବ୍ଲକର ବିଡ଼ିଓ, ତହସିଲଦାରଙ୍କ ସମେତ ବାଲିଗୁଡ଼ା ଏନ୍ଏସି ଏବଂ ଉପଖଣ୍ଡ ପ୍ରଶାସନର ସମସ୍ତ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ଭାଗ ନେଇଥିବା ବିଭିନ୍ନ ପ୍ରଜ୍ଞାପନ ମେଢ଼ ଓ ପ୍ରତିଯୋଗୀଙ୍କୁ ଉପଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଗତ ନିର୍ବାଚନରେ ବାଲିଗୁଡା ଏନଏସିରେ ଶତକଡା ୫୦ ଭାଗ ମତଦାନ ଦେଇଥିବାରୁ ଭୋଟ୍ ହାର ବଢ଼ାଇବା ସହ ଭୋଟରଙ୍କୁ ସଚେତନ କରାଇବା ଆମର ମୁଖ୍ୟ ଲକ୍ଷ୍ୟ, ଏଣୁ ଏଭଳି ଏକ ଭିନ୍ନ ଢ଼ଙ୍ଗରେ ଆମେ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିଛୁ ବୋଲି ଉପଜିଲ୍ଲାପାଳ କହିଛନ୍ତି।

## 'ମୋ ସଂସ୍କୃତି ମୋ ଖେଳନା' କାର୍ଯ୍ୟକ୍ରମ

**ଜି.ଉଦୟଗିରି, ୨୪।୪(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ଆଞ୍ଚଳିକ ସାଧନ କେନ୍ଦ୍ରରେ ସଂଯୋଜକ ରଶ୍ମିତା ମହାରଣାଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟର ସ୍ତରୀୟ 'ମୋ ସଂସ୍କୃତି ମୋ ଖେଳନା' କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପିଲାଙ୍କ ପାଇଁ ଅଞ୍ଚଳ ତଥା ଓଡ଼ିଶାର ବିଭିନ୍ନ ସଂସ୍କୃତି ଓ ପରମ୍ପରା ଆଧାରିତ ବିଭିନ୍ନ ଖେଳନା ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଛି। କର୍ମଶାଳାରେ ଲୋପ ପାଇ ଆସୁଥିବା ବିଭିନ୍ନ ହସ୍ତ କର୍ମ, ଖେଳନା ଏବଂ ସ୍ଥାନୀୟ କଳା ଓ ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇଛି। କର୍ମଶାଳାରେ ଅବସରପ୍ରାପ୍ତ ଶିକ୍ଷକ ଗୋଲକ ପଟ୍ଟନାୟକ ଅଧକ୍ଷତା କରିଥିଲେ। କ୍ଲଷ୍ଟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ନିରୁପମା ଜେନା, ନିର୍ମଳା ସେଠୀ, ସୁଶ୍ରୀ ସସ୍ମିତା ନାୟକ, ସଗରିକା ପଣ୍ଡା, ଅଳକାବାଳା ନାୟକ, ସୁଚିତ୍ରା ପ୍ରଧାନ, ଲିପିକା ପ୍ରଧାନ, ମାମୁନି ପ୍ରଧାନ, ମାମୁନି ସାହୁ, ହନେଶ କୁମାର ନାୟକ, ରଶ୍ମିନୀ ପ୍ରଧାନ, ଗାୟତ୍ରୀ ପାଣିଗ୍ରାହୀ, ପ୍ରଜ୍ଞା ପ୍ରଶମିତ ମହାପାତ୍ର, ସିଆରସିସି ରଞ୍ଜିତ କୁମାର ପାଢ଼ୀ ଓ ରଞ୍ଜିତ କୁମାର ପ୍ରଧାନ ଉପସ୍ଥିତ ରହି ନିଜର ପ୍ରତିଭାକୁ ଶିଶୁଙ୍କ ନିମନ୍ତେ ଉତ୍ସର୍ଗ କରିଥିଲେ। କର୍ମଶାଳାରେ ଜି.ଉଦୟଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବ୍ୟପ୍ରକାଶ ପ୍ରଧାନ, ଏବିଇଓ ମିହିର କାନ୍ତ ପ୍ରଧାନ, ରଞ୍ଜନ କୁମାର ରାଉତରାୟ ଏବଂ ମୋତିଲାଲ ଛାଟୋଇରାୟ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।



## 'ମୋ ସେବା' କେନ୍ଦ୍ରରେ ମିଳିବ ଜନ୍ମମୃତ୍ୟୁ ପ୍ରମାଣପତ୍ର



**ରା.ଉଦୟଗିରି/ପାରଳାଖେମୁଣ୍ଡି, ୨୪।୪(ସମିସ):** ଜନ ସାଧାରଣଙ୍କ ନିକଟରେ ସମସ୍ତ ସରକାରୀ ସେବା ପହଞ୍ଚାଇବାକୁ ରାଜ୍ୟ ସରକାର ମୋ ସେବା କେନ୍ଦ୍ର ପ୍ରତି ପଞ୍ଚାୟତରେ ଖୋଲିଛନ୍ତି। ଅଧିକ ଲୋକାଭିମୁଖୀ କରିବା ସକାଶେ ରାଜ୍ୟ ସରକାର ମୋ ସେବା କେନ୍ଦ୍ରରେ ଜନ୍ମମୃତ୍ୟୁ ପଞ୍ଜୀକରଣ ବ୍ୟାବସ୍ଥା ଉପଲବ୍ଧ କରାଇଛନ୍ତି। ଆଉ ହିତାଧିକାରୀଙ୍କୁ ଜନ୍ମମୃତ୍ୟୁ ପଞ୍ଜୀକରଣ ପ୍ରମାଣପତ୍ର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମୁନିସିପାଲଟି କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ। ମୋ ସେବା କେନ୍ଦ୍ରରେ ଅତି ସହଜରେ ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇପାରିବେ। ଏହି ପରିପ୍ରେକ୍ଷୀରେ ବୁଧବାର ପାରଳାଖେମୁଣ୍ଡି ସିଡିଏମ୍ଓ କାର୍ଯ୍ୟାଳୟଏବଂ ର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲ୍ଲାର ସମସ୍ତ ମୋ ସେବା କେନ୍ଦ୍ରର ଅପରେଟରଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦିପ କୁମାର ପାତ୍ରଙ୍କ ଅଧକ୍ଷତାରେ ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏମଓ କାର୍ଯ୍ୟାଳୟରେ କାଶୀନଗର, ଗୁମା, ରାୟଗଡ଼, ଗୋଷାଣି ଏବଂ ପାରଳାଖେମୁଣ୍ଡିର ଅପରେଟର ଯୋଗ ଦେଇଥିବା ବେଳେ ରା.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରା.ଉଦୟଗିରି, ନୂଆଗଡ଼ ଏବଂ ମୋହନାର ସମସ୍ତ ଅପରେଟର ଯୋଗ ଦେଇଥିଲେ। ସୂଚନା ପ୍ରକାରେ ହିତାଧିକାରୀ କୌଣସି ଏକ ସରକାରୀ କାର୍ଯ୍ୟର ଆବେଦନ ପାଇଁ ସରକାରୀ କାର୍ଯ୍ୟାଳୟକୁ ଯିବାକୁ ପଡୁଥିବା ବେଳେ ପଞ୍ଚାୟତରୁ ବ୍ଲକ ଅଫିସ୍, ବ୍ଲକ ଅଫିସରୁ ଜିଲ୍ଲା କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। କିନ୍ତୁ ଏବେ ମୋ ସେବା କେନ୍ଦ୍ର ପ୍ରତି ପଞ୍ଚାୟତରେ ଖୋଲିବା ପରଠାରୁ ହିତାଧିକାରୀ କମ୍ ଖର୍ଚ୍ଚରେ ସମସ୍ତ ସରକାରୀ ଏବଂ ବେସରକାରୀ ସେବା ନିଜ ପଞ୍ଚାୟତ ନିକଟରେ ପାଇପାରୁଛନ୍ତି। ମୋ ସେବା କେନ୍ଦ୍ର କ୍ଲଷ୍ଟର ମୁଖ୍ୟ ଅଧିକାରୀ ନିରଞ୍ଜନ ଦାସ୍ ଯୋଗ ଦେଇ ତାଲିମ୍ ଦେଇଥିଲେ। ଏଥିସହ ଜନ୍ମମୃତ୍ୟୁ କ୍ଲଷ୍ଟର ମୁଖ୍ୟ ଅଧିକାରୀ ଭୁବନାନନ୍ଦ ଗୌଡ଼, ଗ୍ରାମାଞ୍ଚଳ ଅଧିକାରୀ ଅଭୟ କୁମାର ମାଳି, ସହରାଞ୍ଚଳ ଅଧିକାରୀ ସୌମ୍ୟ ରଂଜନ ପ୍ରଧାନ ଓ ଗଜପତି ଜିଲ୍ଲା ମୋ ସେବା କେନ୍ଦ୍ର ଅଧିକାରୀ ବାପୁଜୀ ବିଷୋଇ ଉପସ୍ଥିତ ଥିଲେ। ରା.ଉଦୟଗିରିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିବେଦିତା ପଣ୍ଡା ଓ ସୁରେଶ କୁମାର ସାହୁକାର ଯୋଗ ଦେଇଥିଲେ।

**ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ**

## ଯୋଗଦେଲେ ବହୁ ବିଜେପି ଓ କଂଗ୍ରେସ ନେତା

**ଜି.ଉଦୟଗିରି, ୨୪।୪ (ସମିସ)**




ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଦିନକୁ ଦିନ ଶକ୍ତିଶାଳୀ ହେଉଛି ବିଜେଡି। ନବୀନ ସରକାରଙ୍କ ସ୍ୱଚ୍ଛ ଏବଂ ଲୋକାଭିମୁଖୀ ଯୋଜନା ସହିତ ସାରା ଓଡ଼ିଶାରେ ରୂପାନ୍ତରଣ ଛାପାରେ ଅଭିଭୂତ ଜନତା। ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସରଳ ଓ ନିର୍ମଳ ଭାବମୂର୍ତ୍ତିରେ ପ୍ରଭାବିତ ସମସ୍ତେ। ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ବୁଧବାର ସାମିଲ ହୋଇଛନ୍ତି ଶତାଧିକ ବିରୋଧି ଦଳ କର୍ମୀ। ଜି.ଉଦୟଗିରି ଶ୍ରୀରାମପଦା ସମନ୍ୱିତ ପାଖ ଆମ୍ବ ବଗିଚାରେ ବିଜେଡିର ଏକ ବିରାଟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ମଞ୍ଚାସୀନ ଅତିଥି ଭାବେ ସାଂସଦ ପ୍ରାର୍ଥୀ ଡ଼. ଅଚ୍ୟୁତ ସାମନ୍ତ, ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ, ଜି.ଉଦୟଗିରି ପର୍ଯ୍ୟବେକ୍ଷକ କ୍ଲେଶ ପ୍ରଧାନ ଯୋଗ ଦେଇଥିବା ବେଳେ ବ୍ଲକ ସଭାପତି ଲିଙ୍ଗରାଜ କହଁର, କାର୍ଯ୍ୟକାରୀ ସଭାପତି ଉଦୟନାଥ ନାୟକ, ନଗର ସଭାପତି ପି.ସଞ୍ଜୀବ କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ଦଳବେହେରା, ଜିଲ୍ଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଏନଏସି ଅଧକ୍ଷା ଦେବସ୍ମିତା ଶତପଥୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଆଜିର ଏହି ବିରାଟ କର୍ମୀ ସମ୍ମିଳନୀରେ ଚଳିତ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ କିପରି ବହୁ ଭୋଟ ମିଳିପାରିବ ସେଥିନେଇ ନେତା କର୍ମୀ କାମ କରିବାକୁ କହିଥିଲେ। ଆଜି ଏକ ବଡ଼ ଧରଣର ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ମିଶ୍ରଣ ପର୍ବରେ ଜି ଉଦୟଗିରି ଏନଏସି କଂଗ୍ରେସ କାଉନସିଲର ଯାକେଶ ପ୍ରଧାନଙ୍କ ସମେତ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି ବୋଲି ନଗର କାର୍ଯ୍ୟକାରୀ ସଭାପତି ଅନୀଲ ଦଳବେହେରା କହିଛନ୍ତି।

## ବିଜେଡି ପ୍ରାର୍ଥିନୀଙ୍କ ମାରାଥନ୍ ପ୍ରଚାର



**ଆସିକା,୨୪।୪(ସମିସ):** ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଖାରିଆ ପଞ୍ଚାୟତରେ ବିଜେଡି ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ପ୍ରଚାର କରିଥିଲେ। ଏଥିରେ ଶହ ଶହ ମହିଳା ସାମିଲ ହୋଇଥିଲେ। ସରପଞ୍ଚ ଜୟନ୍ତୀ ସାହୁଙ୍କ ନେତୃତ୍ୱରେ ମହିଳା ମାନେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସହ ଘରକୁ ଘର ବୁଲି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ପଞ୍ଚାୟତର ଖାରିଆ, ସାଇବଗଡ଼, ଘଟକୁରି, ହୁମୁକି ଅଞ୍ଚଳକୁ ଯାଇ ଥିଲେ ବିଧାୟିକା ମଞ୍ଜୁଳା ସ୍ୱାଇଁ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ନେତା ଭଗବାନ ସାହୁ, ଶିବ ନାହାକ, ଟୁଟୁ ମଲିକ, ରାଜ୍ୟ ଯୁବ ସମ୍ପାଦକ ହରେକୃଷ୍ଣ ମଲିକ, ବିଜେଡି ନେତା ଅଜିତ ଚୌଧୁରି, ମାନସ ଗୌଡ଼ ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋର, ବ୍ଲକ ସଭାପତି ରାଜେଶ ପଟ୍ଟନାୟକଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଓ ଯୁବ ଛାତ୍ର ଉପସ୍ଥିତ ଥଲେ।

## ୧୩ ନମ୍ବର ଜୋନ୍‌ରେ ବିଜେଡିର ବୈଠକ



**ଖଲ୍ଲିକୋଟ,୨୪।୪(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୩ ନମ୍ବର ଜିଲ୍ଲା ପରିଷଦ ଜୋନରେ ବୁଧବାର ବିଜେଡି ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଆଲପୁର ପଞ୍ଚାୟତର ଖୁଣ୍ଟି ବଣିଆ ଠାରେ ଖଲ୍ଲିକୋଟ ବିଜେଡି ବିଧାୟିକା ପ୍ରାର୍ଥିନୀ ସୂର୍ଯ୍ୟମଣି ବୈଦ୍ୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଖଲ୍ଲିକୋଟ ବ୍ଲକର ତିନିଟି ଜିଲ୍ଲା ପରିଷଦ ଜୋନରେ ନିର୍ବାଚନ ପାଇଁ ତିନୋଟି କମିଟି ଗଠନ କରାଯାଇଛି। ଏହି ତିନୋଟି କମିଟିକୁ ନେଇ ଏକ ସେଣ୍ଟ୍ରାଲ କମିଟି ଗଠନ କରାଯାଇଛି। ବୈଠକରେ ଦାନପୁର ସମିତି ସଭ୍ୟ ଦୈତାରୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିନାୟକ ଜାଲି ଓ ସୋନମ ପଲେଇ, କନକା ସରପଞ୍ଚ ରେଖା କୁମାରୀ ଜାଲି, ଲଙ୍ଗଳେଶ୍ୱର ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ବାକୁଟୁ ଗାଁ ସରପଞ୍ଚ ଗଣେଶ ସାହୁ, ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତର ସମିତି ସଭ୍ୟ ରାଜୁ ତରେଇ ଓ ସରପଞ୍ଚ ରୁବିଲତା ସାହୁ, ବରିଷ୍ଠ ନେତା କିଶୋର ପଲେଇ, ବ୍ଲକ ଯୁବ ସଭାପତି ଦୟାନିଧି ସାହୁ, ନିର୍ବାଚନ ମଣ୍ଡଳୀ ସଭାପତି ଭିକାରୀ ପାଣ୍ଡି, ଯୁବ ନେତା ବୁଲୁ ତରେଇ, ରତ୍ନାକର ସାହୁ, ପଥରା ସରପଞ୍ଚ ପିଙ୍କି ବେହେରା, ପୂର୍ବତନ ସରପଞ୍ଚ ବନମାଳି ବାଲା, କୈରାଶି ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସାହୁ, ରତ୍ନାକର ସାହୁଙ୍କ ସମେତ ୧୩ ନମ୍ବର ଜୋନ ର ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ।

## ବିଜେଡିର ମିଶ୍ରଣ ପର୍ବ



**ରଙ୍ଗେଇଲୁଣ୍ଡା,୨୪।୪(ସମିସ):** ମଙ୍ଗଳବାର ରାତିରେ କୋଳଥିଗାଁ ପଞ୍ଚାୟତ କଂଗ୍ରେସ ଓ ବିଜେପି କର୍ମୀ ମାନେ ବିଜେଡିରେ ସାମିଲ ହୋଇଛନ୍ତି। ଗୋପାଳପୁର ବିଜେଡି ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କୁ କର୍ମୀ ମାନେ ପାଛୋଟି ନେଇ ଗ୍ରାମ ପରିକ୍ରମା କରିଥିଲେ। ଏହି ନିର୍ବାଚନମଣ୍ଡଳୀରେ ବହୁ ଉନ୍ନୟନ ମୂଳକ ପ୍ରକଳ୍ପ ହୋଇଛି। ଆସନ୍ତା ଦିନରେ ବାକି ରହିଥିବା କାମ ମଧ୍ୟ ଖୁବଶୀଘ୍ର ଶେଷ କରାଯିବ ବୋଲି ଶ୍ରୀ ପଣ୍ଡା କହିଥିଲେ। ଏହି ଅବସରରେ ବ୍ଲକ ସଭାପତି ଅଜିତ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏହି ଅବସରରେ ୫୪ନଂ ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ତୋଅପୋଇ ଦାସ, ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ, ଜିଲା କାର୍ଯ୍ୟକାରୀ ସଭାପତି ସିଏଚ ଦିଲେଶ୍ୱର ରେଡି, ଯୁବ ନେତା ସୁବାଶିଷ ସାହୁ, ପ୍ରତାପ ଚନ୍ଦ୍ର କୋଠିଆ, ଅରୁଣ କୁମାର ଦଳେଇ, ନରେଶ ପାତ୍ର, ଭୀମ ଦଳେଇ, ପ୍ରକାଶ ଚନ୍ଦ୍ର ସେଠୀ, ପ୍ରକାଶ ସାମନ୍ତ, ଗୋବିନ୍ଦ ରେଡ୍ଡୀ, ହରିହର ପାତ୍ରଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ

# ବାଲିଗୁଡ଼ାରେ ଦମ୍ ଦେଖାଇଲା ବିଜେଡି



**ବାଲିଗୁଡା,୨୪।୪(ସମିସ):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପ୍ରୟାସ ଜାରି ରହିଛି। ବାଲିଗୁଡା ବିଜେଡି କାର୍ଯ୍ୟାଳୟରେ ବାଲିଗୁଡ଼ା ସଂଯୋଜକ ଟୁନା ଦାସ ଓ ବହୁ କର୍ମୀ କନ୍ଧମାଳ ସାଂସଦ ତଥା ଲୋକସଭା ଆସନ ପ୍ରାର୍ଥୀ ଡ଼. ଅଚ୍ୟୁତ ସାମନ୍ତ ଓ ବାଲିଗୁଡ଼ା ବିଧାନସଭା ଆସନ ପ୍ରାର୍ଥୀ ଚକ୍ରମଣି କଂହରଙ୍କୁ ସ୍ୱାଗତ କରିବାସହ ବିରାଟ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ ପାଞ୍ଚ ହଜାରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ବିଜେଡି କାର୍ଯ୍ୟାଳୟରୁ ବାହାରି ମା ପାଟଖଣ୍ଡାଙ୍କୁ ଦର୍ଶନ କରିଥିଲେ। ପରେ ପିଡ଼ବୁଡ଼ି ଛକରେ ମା ବରାଳ ଦେବୀଙ୍କୁ ଦର୍ଶନ କରିବା ପରେ ସେଠାରେ ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ସଂଯୋଜକ ଟୁନା ଦାସଙ୍କ ନେତୃତ୍ୱରେ ବିଜେପିର ପୂର୍ବତନ ବ୍ଲକ ସଭାପତି ଲଳିତ କୁମାର ପାତ୍ର ବିଜେଡିରେ ଯୋଗ ଦେଇଥିଲେ। ଏହା ପରେ ବାଲିଗୁଡା ବିଜେଡି କାର୍ଯ୍ୟାଳୟରୁ ସାରଙ୍ଗଗଡ ପର୍ଯ୍ୟନ୍ତ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା କରାଯାଇଥିଲା । ଏହାପରେ ସାରଙ୍ଗଡରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସହଦେବ ପାତ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କୁ ମଞ୍ଚ ଉପରକୁ ସ୍ୱାଗତ କରିବା ପରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ତା ପରେ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହେଇଥିଲା। ମିଶ୍ରଣ ପର୍ବରେ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେପି ଓ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ଅଞ୍ଚଳର ମା ମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି, ପ୍ରତି ଗାଁରେ ରାସ୍ତା ନିର୍ମାଣ, ପାନୀୟ ଜଳର ବ୍ୟବସ୍ଥା ହୋଇପାରିଛି ଏନେଇ ଅଭିଭାଷଣ ଦେଇଥିଲେ। ଆସନ୍ତା ମେ ୨୦ତାରିଖରେ କନ୍ଧମାଳରେ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ କନ୍ଧମାଳ ଜିଲ୍ଲା ଲୋକସଭା ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଓ ବିଧାନସଭା ପ୍ରାର୍ଥୀ ଚକ୍ରମଣି କହଁରଙ୍କୁ ଶଙ୍ଖ ଚିହ୍ନରେ ମୋହୋର ଦେଇ ଜୟଯୁକ୍ତ କରିବା ପାଇଁ ଆଶୀର୍ବାଦ ଗ୍ରହଣ କରିଥିଲେ। ଲୋକସଭା ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କ ସମେତ ରାଜ୍ୟ ମହିଳା ସମ୍ପାଦିକା ପୁନମ୍ କହଁର, ଅନିମା କହଁର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, କୋଟଗଡ ବ୍ଲକ ସଭାପତି ଷ୍ଟିଫେନ ପ୍ରଧାନ, ମନୋଜ କୁମାର ସାବତ, ତୁମୁଡ଼ିବନ୍ଧ ବ୍ଲକ୍ ସଭାପତି ପ୍ରମୋଦ ସାହୁ, ପୁର୍ବତନ ଏନ୍‌ଏସି ଅଧ୍ୟକ୍ଷ ଲୋକନାଥ ପାଢ଼ୀଙ୍କ ସମେତ ବହୁ ସଂଖ୍ୟାରେ ଲୋକ ସମାବେଶରେ ଉପସ୍ଥିତ ଥିଲେ। ଏହା ପରେ ବାଲିଗୁଡା ବାରଖମାରେ ଅନୁଷ୍ଠିତ ଏକ ବୈଠକରେ ଆସନ୍ତା ମେ ମାସ ୨୦ତାରିଖରେ ଥିବା ନିର୍ବାଚନରେ ଯୋଡ଼ି ଶଙ୍ଖରେ ଭୋଟ ଦେଇ ଜୟଯୁକ୍ତ ନିମନ୍ତେ ଆଶୀର୍ବାଦ ଗ୍ରହଣ କରିଥିଲେ ଏବଂ ଧବଳେଶ୍ୱର ମନ୍ଦିର ଠାରୁ ମେଡିକାଲ୍ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା କରିଥିଲେ।

## ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଯାକେଶ ପ୍ରଧାନଙ୍କ ଇସ୍ତଫା

### ବିଜେଡିରେ ଯୋଗ ଦେଲେ



**ଜି.ଉଦୟଗିରି,୨୪।୪(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ କଂଗ୍ରେସର ଅସନ୍ତୁଷ୍ଟ ଚରମ ସୀମାରେ ପହଞ୍ଚିଛି। ଏକଦା କଂଗ୍ରେସ ଗଡ଼ ବୋଲାଉଥିବା ଜି.ଉଦୟଗିରି ନିର୍ବାଚନମଣ୍ଡଳୀରେ ବିଧାନସଭା କଂଗ୍ରେସ ପ୍ରାର୍ଥୀ ଭାବରେ ପ୍ରଫୁଲ୍ଲ ପ୍ରଧାନଙ୍କ ନାମ ଘୋଷଣା ପରେ ତାଙ୍କୁ ଦଳୀୟ କର୍ମୀ ବିରୋଧ କରି ଆସୁଥିଲେ । ଅସନ୍ତୋଷ ଲାଗି ରହିଥିବା ବେଳେ କିଛି ଦିନ ତଳେ ଦଳୀୟ କର୍ମକର୍ତ୍ତା ଏକାଠି ହୋଇ ସାଧାରଣ ବୈଠକ କରି ଘୋଷିତ ପ୍ରାର୍ଥୀକୁ ବିରୋଧ କରିବା ସହିତ ଯଥା ଶୀଘ୍ର ପ୍ରାର୍ଥୀ ପରିବର୍ତ୍ତନ ନ ହେଲେ ସାମୂହିକ ଭାବେ ଦଳରୁ ଇସ୍ତଫା ଦେବେ ବୋଲି ଧମକ ଦେଇଥିଲେ। ଦଳୀୟ କର୍ମକର୍ତ୍ତାଙ୍କ ଦାବି ସତ୍ତ୍ୱେ କୌଣସି ପରିବର୍ତ୍ତନ ନକରିବା କାରଣରୁ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଯାକେଶ ପ୍ରଧାନ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫାପତ୍ର କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡ଼ାଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦଳ ପାଇଁ ୨୦ ବର୍ଷ ହେଲା ସେ ଶୃଙ୍ଖଳିତ କର୍ମୀ ଭାବେ କାମ କରି ଆସୁଥିବା ବେଳେ ଏବେ ସାଧାରଣ ନିର୍ବାଚନ ସମୟରେ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ଶ୍ରୀ ପ୍ରଧାନ କରିଛନ୍ତି। ଏହା ସହିତ ସଠିକ୍ ପ୍ରାର୍ଥୀ ଚୟନ ହୋଇ ନ ଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି । ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏହା କଂଗ୍ରେସ ଦଳ ପାଇଁ ଚିନ୍ତାର ବିଷୟ ହୋଇଛି । ବୁଧବାର ସେ ବିଧିବଦ୍ଧ ଭାବେ ସାଂସଦ ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଏବଂ ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନଙ୍କ ଉପସ୍ଥିତରେ ବିଜେଡିରେ ସାମିଲ ହୋଇଛନ୍ତି।

## ବିଜେଡିର ଏନ୍‌ଏସିସ୍ତରୀୟ ବୈଠକ



**ବୁଗୁଡା,୨୪।୪(ସମିସ):** ସ୍ଥାନୀୟ ଶକ୍ତିନଗରସ୍ଥିତ ମୀନାବଜାର ପଡିଆରେ ବିଜୁ ଜନତା ଦଳ ପକ୍ଷରୁ ବୁଗୁଡା ଏନ୍‌ଏସିସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, କାଉନସିଲର ଆଶୁତୋଷ ବଢେଇ, ବିନୋଦିନୀ ନାୟକ, ସସ୍ମିତା ଜେନା, ଆଶୁତୋଷ ବଢେଇ, ଉର୍ମିଳା ସାହୁ, ରିଭା ସ୍ୱାଇଁ, ପିଙ୍କି ନାହାକ, ବବ୍ଲୁ ପ୍ରଧାନ, ପ୍ରାକ୍ତନ କାଉନସିଲର ସୂର୍ଯ୍ୟନାରାୟଣ ମହାନ୍ତି, ସୁଧାଂଶୁ ଶେଖର ପାଢୀ, ବ୍ରଜ ବିହାରୀ ପ୍ରଧାନ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ। ଆସିକା ଲୋକସଭା ଏବଂ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପଞ୍ଚମ ପର୍ଯ୍ୟାୟରେ ଆସନ୍ତା ମେ ୨୦ ତାରିଖ ଦିନ ଭୋଟ ଗ୍ରହଣ ହେବାକୁ ଥିବାବେଳେ ବେଳେ ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଏବଂ ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଥିବା ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ନିମନ୍ତେ ବୁଗୁଡା ଏନ୍‌ଏସି ଅନ୍ତର୍ଗତ ୧୩ଟି ୱାର୍ଡରେ ଦଳୀୟ ସଂଗଠନକୁ ଆହୁରି ମଜବୁତ୍ କରିବାକୁ ପଡିବ ବୋଲି ଆହ୍ୱାନ ଦିଆଯାଇଥିଲା।

## ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ




**ଭଞ୍ଜନଗର,୨୪।୪(ସମିସ):** ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ ବଡକୋଦଣ୍ଡା ଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଆୟୋଜିତ "ମୋ ସଂସ୍କୃତି ମୋ ଖେଳଣା' ଦୁଇ ଦିନିଆ କର୍ମଶାଳାକୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ଜେନା ଶୁଭାରମ୍ଭ କରିଥିଲେ। ବଡକୋଦଣ୍ଡା ଓ ଲାଲସିଂ କ୍ଲଷ୍ଟର ତରଫରୁ ଆୟୋଜିତ କାର୍ଯ୍ୟକ୍ରମକୁ ଦୁଇ ସିଆରସିସି ମୋହନ ସାହୁ ଓ ଦ୍ୱିତୀକୃଷ୍ଣ ଲେଙ୍କା ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଗଣେଶ ଚନ୍ଦ୍ର ପଣ୍ଡା, ରଶ୍ମିତା ସାହୁ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଶିକ୍ଷକ ନେତା ତଥା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଅଧ୍ୟାପକ ତ୍ରିନାଥ ବେହେରା, ପ୍ରଧାନଶିକ୍ଷକ ସନ୍ତୋଷ ଜେନା, ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଗଣେଶ ଚନ୍ଦ୍ର ପଣ୍ଡା, ଅନିମା ମିଶ୍ର ଓ ରଶ୍ମିତା ସାହୁ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ଅବସରରେ ଛଅ ଜଣ ଶିଳ୍ପୀ ଓ କଳାକାର ସୁରେନ୍ଦ୍ର ପ୍ରଧାନ, ସୁଶାନ୍ତ ସ୍ୱାଇଁ, ମିଟୁ ଜେନା, ସନ୍ତୋଷ ବିଷୋୟୀ, ତ୍ରିଲୋଚନ ଦାସ ଓ ଅଶୋକ କୁମାର ଭୂୟାଁଙ୍କୁ ପ୍ରଶଂସା ପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୋହନ ସାହୁ ଓ ଦ୍ୱିତୀକୃଷ୍ଣ ଲେଙ୍କା ସଂଯୋଜନା ଓ ପରିଚାଳନା କରିଥିଲେ। ଏଥିରେ ଉଭୟ କ୍ଲଷ୍ଟରରୁ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଭାଗ ନେଇ ସଂସ୍କୃତି ସହ ଖେଳଣା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ କ୍ଷ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସନ୍ତୋଷ ଜେନାଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### କାଳବୈଶାଖୀ ପ୍ରଭାବରେ ଜନଆଶ୍ୱସ୍ତି

# ଗଛପଡ଼ି ରାସ୍ତା ଅବରୋଧ, ବିଦ୍ୟୁତ୍ ବିଭ୍ରାଟ







**ପାରଳାଖେମୁଣ୍ଡି,୨୪।୪(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରାଞ୍ଚଳ ସମେତ ଏହାର ଆଖପାଖ ଅଞ୍ଚଳରେ ବୁଧବାର ଅପରାହ୍ନରେ ଅଧଘଣ୍ଟା କାଳବୈଶାଖୀ ପ୍ରଭାବରେ ଖୁବ୍ ଯୋରରେ ପବନ ଓ ବର୍ଷା ହୋଇଥିଲା । ସହରର ତାପମାତ୍ରା ଗତ କିଛି ଦିନ ହେଲା ୪୦ ଡିଗ୍ରୀ ପାର ହୋଇଥିବା ବେଳେ କାଳବୈଶାଖୀ ଲୋକଙ୍କୁ ଆଶ୍ୱସ୍ତି ଦେଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା । ଗତବର୍ଷ ଅଗଷ୍ଟ ମାସରୁ ପାରଳା ସହରାଞ୍ଚଳରେ ବର୍ଷା ହୋଇ ନ ଥିବା ବେଳେ ଆଜିର ଏହି କାଳବୈଶାଖୀ ଜନସାଧାରଣଙ୍କୁ କିଛିମାତ୍ରାରେ ଆଶ୍ୱସ୍ତି ଆଣି ଦେଇଥିଲେ ମଧ ବହୁ ସ୍ଥାନରେ ଗଛ ଧାରାଶାୟୀ ହୋଇଥିବା ବେଳେ ଆଉ କିଛି ସ୍ଥାନରେ ଗଛ ଡାଳ ପଡି ରାସ୍ତା ଅବରୋଧ ସାଙ୍ଗକୁ ବିଦ୍ୟୁତ ବିଭ୍ରାଟ ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ତିନିରୁ ଊର୍ଦ୍ଧ୍ୱ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ରାସ୍ତାଉପରେ ପଡିଥିବା ଗଛ ଗୁଡିକୁ କାଟି ହଟାଇଥିଲେ । ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସର, ଆଦର୍ଶ ଥାନା ପରିସର, ମେଡିକାଲ ରୋଡ ଆଦି ବିଭିନ୍ନ ସ୍ଥାନରେ ଗଛ କିମ୍ବା ଗଛ ଡାଳ ପଡିଥିବା ଦେଖିବାକୁ ମିଳିଛି । ସ୍ଥାନେ ସ୍ଥାନେ ବିଦ୍ୟୁତ ଖୁଣ୍ଟ ଉପୁଡି ଯାଇ ରାସ୍ତା ଉପରେ ପଡିଛି । ସହର ଉପକଣ୍ଠସ୍ଥ ଦେବିତୀ ଗ୍ରାମରେ ଏକ ବୃହତକାୟ ଗଛ ପଡି ପାରଳାଖେମୁଣ୍ଡି-ବ୍ରହ୍ମପୁର-ପଲାସା-ମଞ୍ଜୁଷା ରାଜ୍ୟରାଜପଥ ଘଣ୍ଟା ଘଣ୍ଟା ଧରି ଅବରୋଧ ହୋଇପଡିଥିଲା । ଏହାସହ ଏହି ଅଞ୍ଚଳରେ ବିଦ୍ୟୁତ ଖୁଣ୍ଟ ଉପୁଡି ରାସ୍ତା ଉପରେ ପଡିଛି । ସେହିପରି ସହରର ଭେଙ୍କେଟେଶ୍ୱର ମନ୍ଦିର ରାସ୍ତାରେ ନିଡିଆଗଛ ରାସ୍ତା ମଧ୍ୟରେ ପଡିଯାଇଥିବା ବେଳେ ଏହା ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ପଡିଯାଇଛି । ବର୍ଷା ଯୋଗୁଁ ସହରର ନାଳ ନର୍ଦ୍ଦମା ଗୁଡିକର ଅପରିଷ୍କାର ପାଣି ରାସ୍ତା ଉପରେ ଭାସି ଦୁର୍ଗନ୍ଧମୟ ପରିବେଶ ଉପୁଜିଛି । ପୌରପରିଷଦ ପକ୍ଷରୁ ହେଉଥିବା ସଫେଇ କାର୍ଯ୍ୟକ୍ରମକୁ ପଦାରେ ପକାଇଛି ଆଜିର ଏହି କାଳବୈଶାଖୀ । ନାଳନର୍ଦ୍ଦମା ସଫେଇ ହେଉ ନଥିବାରୁ ଏପରି ପରିସ୍ଥିତି ଉପୁଜୁଥିବା ଆଲୋଚନା ହେଉଛି । ଗଛ ପଡି ରାସ୍ତା ଅବରୋଧ ହୋଇଥିବା ସ୍ଥାନରେ ଗଛ ଡାଳ ତଥା ଗଛକୁ ହଟାଇବାପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ବିଦ୍ୟୁତ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଉଥିବା କୁହାଯାଇଛି।

### ● ବର୍ଷା ପବନ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହେଲା କାର୍

## ଅଳ୍ପକେ ବର୍ତ୍ତିଲେ ଚାଳକ ଓ ଯାତ୍ରୀ



**ଗୋଷାଣି,୨୪।୪(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପବନ ସାଙ୍ଗକୁ ବର୍ଷା ହୋଇଥିଲା । ଏହି ସମୟରେ ଆନ୍ଧ୍ରର ଗୋପିଲୀ ଗ୍ରାମାଞ୍ଚଳରୁ ପାରଳାଖେମୁଣ୍ଡି ସହରକୁ ଆସୁଥିବା ଏକ କାର ଜଙ୍ଗଲପାଡୁ ଗ୍ରାମ ନିକଟରେ ଭାରସାମ୍ୟ ହରାଇଥିଲା । ଫଳରେ କାରଟି ରାସ୍ତା ତଟରେ ଥିବା ଏକ ଗାର୍ଡୱାଲକୁ ଧକ୍କା ଦେଇ ଓଲଟି ପଡିଥିବା ବେଳେ ଯେଉଁ ଦିଗରୁ ଆସୁଥିଲେ ପୁଣି ସେହି ହିଗ ମୁହାଁ ହୋଇଯାଇଥିଲା । ବଡଧରଣର ଦୁର୍ଘଟଣା ଘଟିଥିଲେ ମଧ୍ୟ ଚାଳକ ଏବଂ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିଲେ । ଦୁର୍ଘଟଣା ସମ୍ପର୍କରେ ନିକଟରେ ଥିବା ଜଙ୍ଗଲପାଡୁ ତନଖି ଫାଟକରେ କାର୍ଯ୍ୟରତ ଗୁରାଣ୍ଡି ପୁଲିସ ଟିମ୍ ଖବର ପାଇ ତୁରନ୍ତ ପହଞ୍ଚିଥିଲେ। କାର ଭାଙ୍ଗିରୁଜି ଯାଇଥିବା ବେଳେ ସେଥିରେ ଚାପି ହୋଇ ରହିଥିବା ଜଣେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପଠାଇଥିଲେ । ଗୁରାଣ୍ଡି ପୁଲିସର ଏପରି ତ୍ୱରିତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି। କାରକୁ ଗୁରାଣ୍ଡି ପୁଲିସ ଜବତ କରି ଘଟଣା ସମ୍ପର୍କରେ ତଦନ୍ତ କରୁଥିବାର ଥାନା ସୂତ୍ରରୁ ପ୍ରକାଶ ।

